୬

ଈଶାନ କିସାନଙ୍କ ଧୂଆଁଧାର ଶତକ
ସୟଦ ମୁଷ୍ତାକ ଅଲି ଟ୍ରଫି ଜିତିଲା ଝାଡ଼ଖଣ୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୨୧ ● ୧୯ ଡିସେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-321 ● 19th December 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ

# ଇଂରାଜୀ ନୂତନ ବର୍ଷ ୨୦୨୬ର କ୍ୟାଲେଣ୍ଡର ଲୋକାର୍ପିତ

**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ ସୁଦୃଶ୍ୟ କ୍ୟାଲେଣ୍ଡର (ଉଭୟ ୱାଲ୍ ଏବଂ ଡେସ୍କ) ପ୍ରକାଶ ପାଇଛି ।
କ୍ୟାଲେଣ୍ଡର ଗୁଡ଼ିକର ପ୍ରଥମ କପିକୁ ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି । ଏହି ଦେବାର୍ପଣ ପରେ ଗୁରୁବାର ଉଭୟ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ଉନ୍ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉଭୟ କ୍ୟାଲେଣ୍ଡରରେ ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଏବଂ ପାରମ୍ପରିକ ପଥର ଖୋଦେଇ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ର ଗୁଡ଼ିକ ଉପସ୍ଥାପିତ କରାଯାଇଛି । ଆଗାମୀ ଦୁଇ ତିନି ଦିନ ପରେ ପୁରୀ ଓ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଗୁଡ଼ିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ୍ୟ ଉନ୍ମୋଚନ କରିଥିଲେ ।
ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଦେବବ୍ରତ ସାହୁ ଏବଂ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଓମାନରେ ସର୍ବୋଚ୍ଚ ପୁରସ୍କାର

# ଗ୍ରହଣ କଲେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ, ୧୮।୧୨**

ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଓମାନରେ ପହଞ୍ଚିଥିବା ଅବସରରେ ତାଙ୍କୁ ଓମାନ ତରଫରୁ ସର୍ବୋଚ୍ଚ ନାଗରିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଗସ୍ତ ସମୟରେ ଭାରତ ଏବଂ ଓମାନ ମଧ୍ୟରେ ଏକ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ରାଜିନାମା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବ।
ପ୍ରଧାନମନ୍ତ୍ରୀ ପ୍ରଥମେ ଜୋର୍ଡାନ ଗସ୍ତ କରିଥିଲେ। ସେଠାରୁ ଇଥିଓପିଆ ଯାଇଥିଲେ। ଗୁରୁବାର ଗସ୍ତର ଶେଷ ଦିବସରେ ପ୍ରଧାନମନ୍ତ୍ରୀ ଓମାନରେ ପହଞ୍ଚିଥିଲେ। ଓମାନ ରାଜା ହାଇଥାମ ବିନ୍ ତାରିକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ତାରିକ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ ଓମାନ' ସମ୍ମାନରେ ସମ୍ମାନିତ କରିଥିଲେ।



## ଆଜିର ମୁଖ୍ୟ ଖବର

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ସିକ୍ୟୁରିଟିଜ୍ ମାର୍କେଟ୍ କୋଡ୍ ବିଲ୍, ୨୦୨୫ ଆଗତ କଲେ।
- ସୁକମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ।
- ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯାନବାହନ ନିୟମ ଅଧିକ କଠୋର।
- ଘନ କୁହୁଡ଼ି କାରଣରୁ ବିମାନ ଓ ରେଳ ଯାତାୟାତ ବାଧାପ୍ରାପ୍ତ।
- ସଂସଦରେ ଶାସନ ବ୍ୟବସ୍ଥା ଓ ନୀତି ସଂଶୋଧନ ଉପରେ ଆଲୋଚନା।
- ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା, ଅନେକ ମୃତ ଓ ଆହତ।
- ସ୍ୱଚ୍ଛତା ଅଭିଯାନରେ ଦେଶର ଅଗ୍ରଗତିକୁ ସରକାର ଉଜାଗର କଲେ।
- ନୂଆଦିଲ୍ଲୀରେ ଜାତୀୟ ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ।
- ହସ୍ପିଟାଲ ପରିସର ଭିତରୁ ଯୁବକଙ୍କ ଠାରୁ ଅସ୍ତ୍ର ଉଦ୍ଧାର, ସୁରକ୍ଷା ନେଇ ପ୍ରଶ୍ନ ।
- ଶୀତ ଲହରୀ ଦୃଷ୍ଟିରେ ବିଦ୍ୟାଳୟଗୁଡ଼ିକୁ ସତର୍କତା ନିର୍ଦ୍ଦେଶ।

# ନୂଆବର୍ଷରୁ ହିତାଧିକାରୀ ପାଇବେ ନୂଆ ରାସନ କାର୍ଡ

**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ରାସନ କାର୍ଡକୁ ନେଇ ସରକାର ବଡ଼ ଘୋଷଣା କରିଛନ୍ତି। ଆସନ୍ତା ନୂଆବର୍ଷରୁ ୧୫ ଲକ୍ଷ ନୂଆ ରାସନ କାର୍ଡ ବଣ୍ଟନ କରାଯିବ। ସରକାରଙ୍କ ପାଖରେ କାର୍ଡର ଅଭାବ ନାହିଁ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି କାର୍ଡ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଶ୍ରୀ ପାତ୍ର କହିଛନ୍ତି ଯେ କରଦାତା, ସରକାରୀ କର୍ମଚାରୀ ଓ ମୃତକଙ୍କୁ ମିଶାଇ ୮ଲକ୍ଷ ୧୬ ହଜାର ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡରୁ ବାଦ ଦିଆଯାଇଛି। ସେମାନଙ୍କ ସ୍ଥାନରେ ୬ ଲକ୍ଷ ୩୯ହଜାର ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଦିଆଯାଇଛି। ଏହାଭିତରେ ଆହୁରି ୧୫ ଲକ୍ଷ ୩୩ ହଜାର ଲୋକ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ତେବେ ୧୫ ଲକ୍ଷ କାର୍ଡକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ନୂଆବର୍ଷରେ ହିତାଧିକାରୀଙ୍କୁ କାର୍ଡ ଦିଆଯିବ।
ଉଲ୍ଲେଖଯୋଗ୍ୟ ଯେ ବିଜେଡି ସରକାର ସମୟରେ ବହୁ ଅଯୋଗ୍ୟ ହିତାଧିକାରୀ ରାସନ ଉଠାଉଥିବାର ଅଭିଯୋଗ ଆସିଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଏହାସହ ଯେଉଁ ସରକାରୀ କର୍ମଚାରୀ ଓ କରଦାତା ରାସନ କାର୍ଡ (ପୃଷ୍ଠା ୭ରେ)

# ଲୋକସଭାରେ ପାରିତ ହେଲା ଭିବି-ଜି ରାମ୍-ଜି ବିଲ୍

**ନୂଆଦିଲ୍ଲୀ, ୧୮।୧୨**



ବହୁ ବିରୋଧ ପରେ ଲୋକସଭାରେ ପାରିତ ହେଲା ଭିବି-ଜି ରାମ୍-ଜି ବିଲ୍ । ଗ୍ରାମୀଣ ନିଯୁକ୍ତି ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ନେଇ ବିରୋଧୀ ଦଳଗୁଡ଼ିକର ବିରୋଧ ମଧ୍ୟରେ ଲୋକସଭାରେ ଗୁରୁବାର ପାରିତ ହୋଇଛି ବିଲ୍ । ୟୁପିଏ ସରକାର ସମୟରୁ ପ୍ରଚଳିତ ମନରେଗା ଯୋଜନାର ନାମ ପରିବର୍ତ୍ତନ କରାଯିବାକୁ ନେଇ ଚଳିତ ଅଧିବେଶନ ଆରମ୍ଭରୁ ଉଭୟ ଶାସକ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ଦେଖା ଦେଇଥିଲା ।
ଗ୍ରାମୀଣ ନିଯୁକ୍ତି ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ନେଇ ବିରୋଧୀ ଦଳଗୁଡ଼ିକର ବିରୋଧ ମଧ୍ୟରେ ଲୋକସଭାରେ ଭିବି-ଜି ରାମ୍-ଜି ବିଲ୍ ୨୦୨୫ ପାରିତ ହୋଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସଂସଦରେ ଭାଷଣ ଦେବା ସମୟରେ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି କହିଥିଲେ ଯେ ନିର୍ବାଚନ ଯୋଗୁଁ ପୂର୍ବ ଏନଆରଇଜିଏ ଆଇନରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡା ଯାଇଥିଲା । ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ଏନଆରଇଜିଏରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡା ଯାଇଥିଲା ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ।
ଅଲୋଚନା ସମୟରେ ଅନେକ ବିରୋଧ ଦେଖିବାକୁ ମିଳିଥିଲା । ବିଶେଷ କରି ବିରୋଧୀ ସାଂସଦ ମାନେ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବାକୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ । ଗତ ୧୬ ତାରିଖରେ ପ୍ରସ୍ତାବ ଗୃହୀତ ସମୟରେ ଗୃହରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଓ ଶଶୀ ଥରୁର ପ୍ରବଳ ବିରୋଧ କରିଥିଲେ । ଫଳରେ ଗୃହ ମୁଲତବୀ ରହିବା ସହ ସାଂସଦ ମାନେ ସଂସଦ ପରିସରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ ।

## ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

# ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ପ୍ରସ୍ତାବ

**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିଜେପି ବିଧାୟକ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ତେବେ ବୈଠକ ପରେ ଶାସକ ଦଳର ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ପୁର୍ନବିଚାର କରିବା ପାଇଁ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ବିଜେପି ବିଧାୟକମାନେ ପ୍ରସ୍ତାବ ଦେଇଥିଲେ।
ଓଡ଼ିଶାରେ ବିଧାୟକଙ୍କ ଦରମା ୩ଗୁଣ ବୃଦ୍ଧିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିବା ପରେ ଏହାକୁ ନେଇ ଅସନ୍ତୋଷ ମଧ୍ୟ ବଢିବାରେ ଲାଗିଛି। ତାହାକୁ ଦୃଷ୍ଟିରେ ରଖି ବିଜେପି ବିଧାୟକମାନେ ଏହା ଉପରେ ପୁର୍ନବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ପ୍ରସ୍ତାବ ଦେଇଛନ୍ତି।
ଗତ ଶୀତକାଳୀନ ଅଧିବେଶନ ସମୟରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ପାରିତ ହୋଇଥିଲା । ଦରମା ଓ ଭତ୍ତା ତିନି ଗୁଣା ହଠାତ୍ ତରବରିଆ ଭାବେ ବଢାଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରଥମେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବାକୁ ମନା କରିଦେଇଥିବା ବେଳେ ଏବେ ବିଜେପି ବିଧାୟକଙ୍କ ପୁନର୍ବିଚାର ପ୍ରସ୍ତାବ ପ୍ରଭାବ କଣ ହେବ (ପୃଷ୍ଠା ୭ରେ)

## କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା ହୋଇଛି

# ଖୁବ୍ ଶୀଘ୍ର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଜଣାଇବି

**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**



କଂଗ୍ରେସର ବରିଷ୍ଠ ନେତା ତଥା ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ତାହାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ତର୍ଜମା ଏବେ ନୂଆ ମୋଡ ନେବାରେ ଲାଗିଛି। ରାଜ୍ୟରେ ଦଳର ଅନେକ ବରିଷ୍ଠ ନେତା ମୋକିମଙ୍କ ଆଭିମୁଖ୍ୟ ପ୍ରତି ସମର୍ଥନ ଜଣାଇଥିବା ବେଳେ ସିଡବ୍ଲ୍ୟୁସି ସଦସ୍ୟ ଜୟରାମ ରମେଶ ଓ ପବନ ଖେରାଙ୍କ ଭଳି କଂଗ୍ରେସର କେନ୍ଦ୍ରୀୟ ନେତାମାନେ ମୋକିମଙ୍କ ସହ ଆଲୋଚନା କରିଥିବା ନେଇ ଚର୍ଚ୍ଚା ବଢିବାରେ ଲାଗିଛି। ଏଥିଯୋଗୁ କଂଗ୍ରେସ ମହଲରେ ବିଶେଷକରି ଓଡ଼ିଶା ରାଜନୀତିରେ ମୋକିମଙ୍କ ଗୁରୁତ୍ୱ ବୃଦ୍ଧି ପାଉଥିବା ଜଣାପଡିଛି।
ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ମୋକିମ କହିଛନ୍ତି କିଛି କେନ୍ଦ୍ରୀୟ ନେତା ତାଙ୍କ ସହିତ କଥା ହୋଇଛନ୍ତି। ସେ ଚିଠିରେ ଯାହା ଲେଖିଥିଲେ ସେ ବିଷୟରେ ପଚାରି ବୁଝିଛନ୍ତି। ତାଙ୍କ ଚିଠିର ପ୍ରଭାବ ପଡିଛି। ଆଗାମୀ ଦିନରେ ତାର ତର୍ଜମା କରାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ମୁଁ ରାଜନୀତି କରୁଛି। ଆଗାମୀ ଦିନରେ କରିବି। କଂଗ୍ରେସ ଦଳର ସ୍ଥିତିରେ ପରିବର୍ତ୍ତନ ହେବ। ଖୁବ୍ କମ୍ ଦିନ ଭିତରେ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ନିଷ୍ପତ୍ତି ଜଣାଇବି (ପୃଷ୍ଠା ୭ରେ)

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଗଞ୍ଜାମ ତହସିଲର ଦୀପକ କୁମାର ନାୟକ(ପିତା - ଗୌରହରି ନାୟକ) ଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୮୪ (+୩୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୬୦ (+୩୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୧୩ (+୨୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୪ (+୨)

## ଏକାଳ ପଖାଳ



ନେତା ସବୁ ପରସ୍ପରକୁ
କରୁଛନ୍ତି ଭେଟାଭେଟି
ଚାରିଆଡେ ଚର୍ଚ୍ଚା ରାଇଜରେ କାଲେ
ହେବ ନୂଆ କିଛି ସୃଷ୍ଟି
ଚିନ୍ତାର ବାଦଲ ଘୋଟି
ଆସି କହେ ଅନ୍ୟ ଦଳକୁ
ବାଜିଲା ସତର୍କ ଘଣ୍ଟି।

# ଘାରିଲାଣି କାଠ ଚିନ୍ତା : ବନ୍ଦ ହୋଇଯିବ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର !



**ପୁରୀ, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**

ବଢୁଛି ଶବ ସଂଖ୍ୟା, ମିଳୁନି କାଠ । ଶବ ସତ୍କାର କରିବାକୁ ପର୍ଯ୍ୟାପ୍ତ ହେଉନି ମହଜୁଦ କାଠ । ବିକଳ୍ପ ଚିନ୍ତା ନ କଲେ ସ୍ଥିତି ହେବ ଜଟିଳ । ସ୍ୱର୍ଗଦ୍ୱାର କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କଲେ ଆତ୍ମା ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ କୋଟି କୋଟି ହିନ୍ଦୁ ଧର୍ମର ଲୋକ ନିଜର ବନ୍ଧୁପରିଜନ, ଆତ୍ମୀୟ ସ୍ୱଜନ ଓ ପରିବାର ଲୋକଙ୍କ ଶବସତ୍କାର କରିବାକୁ ଦୂରଦୂରାନ୍ତରୁ ସ୍ୱର୍ଗଦ୍ୱାରକୁ ଆସିଥାନ୍ତି।
ହେଲେ ଏବେ ଦିନକୁ ଦିନ ଶବ ସଂଖ୍ୟା ବଢୁଥିବା ବେଳେ ସେହି ଅନୁପାତରେ ଅନ୍ତିମ ସଂସ୍କାର କରିବା ପାଇଁ କାଠର ଅଭାବ ଦେଖାଦେଲାଣି। ତେଣୁ ଶବ ସତ୍କାର କରିବାକୁ ଆସି ହୀନସ୍ତା ହେଉଛନ୍ତି ସମ୍ପର୍କୀୟ।
ଗତ ୧୫ ତାରିଖରେ ସ୍ୱର୍ଗଦ୍ୱାରରେ ରେକର୍ଡ ସଂଖ୍ୟକ ଶବସତ୍କାର ହୋଇଥିଲା। ଉକ୍ତ ଦିନ ସ୍ୱର୍ଗଦ୍ୱାରରେ ୧୩୬ଟି ଶବ ପୋଡା ହୋଇଥିବା ବେଳେ ତାହା ହେଉଛି ସର୍ବକାଳୀନ ରେକର୍ଡ। ଗତ ଅଗଷ୍ଟ ମାସରେ ଗୋଟିଏ ଦିନରେ ସର୍ବାଧିକ ୧୨୨ଟି ଶବ ଆସିଥିବା ରେକର୍ଡ ରହିଥିଲା।
ସ୍ୱର୍ଗଦ୍ୱାରରେ ମୋଟ୍ ୨୮ଟି ପିଣ୍ଡି ରହିଥିବା ବେଳେ ମୃତଦେହ ତୁଳନାରେ ଏହା ବହୁତ୍ କମ୍। ତେଣୁ (ପୃଷ୍ଠା ୭ରେ)

## ଶୀତଲହରୀ ସହ ତୁଷାରପାତ ଜାରି

# ଘୁ.ଉଦୟଗିରିରେ ପାରଦ ୫ ଡିଗ୍ରୀ ରେକର୍ଡ଼

**ଘୁ.ଉଦୟଗିରି, ୧୮।୧୨**
**ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ସମେତ ସାରା ରାଜ୍ୟରେ ଶୀତ ଜାରି ରହିଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରି ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ସ୍ଥାନୀୟ ଅଞ୍ଚଳରେ ଶୀତ ତାର ପ୍ରକୋପ ଦେଖେଇବାରେ ଲାଗିଛି। ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଶୀତ ଲହରୀ ସହ ତୁଷାରପାତ ଜାରି ରହିଛି। ପାରଦ ତଳମୁହାଁ ହେବା ସହ ପ୍ରବଳ ଶୀତକୁ ଜାଡ କଲବଲ କରୁଛି। ହାତଗୋଡ଼ କାଲ ମାରୁଛି।ସଞ୍ଜ ନଇଁଲେ ଶୀତର ପ୍ରକୋପ ବଢ଼ିବାରେ ଲାଗୁଛି। ରାତି ଯେତେ ବଢୁଛି ଜାଡ଼ ସେତେ ଅଧିକ ହେଉଛି। କାଲୁଆ ଶୀତ ତାର ରୂପ ଦେଖେଇବାରେ ଲାଗିଛି। ଗୁରୁବାର ସ୍ଥାନୀୟ ସହରର ତାପମାତ୍ରା ୫ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୁଧବାର ଏହା ୬.୬ ଡିଗ୍ରୀ ଥିଲା।
ଅନ୍ୟପକ୍ଷରେ କୁହୁଡି ସେଇ ମାତ୍ରାରେ ସାରା ଅଞ୍ଚଳରେ ବିସ୍ତାର ହେଉଥିବା ବେଳେ କୁହୁଡ଼ିର ଚାଦର ତଳେ ସାରା ଅଞ୍ଚଳ ରହିଲା ଭଳି ଅନୁଭବ ହେଉଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଡିସେମ୍ବର, ଶୁକ୍ରବାର ୨୦୨୫





# ମିଳିମିଶି ମାଡ଼ି ବସିଲେ ମହାନଗର ନିଗମ କ୍ୱାର୍ଟର୍ସ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କିଏ ଅବସର ପରେ ବି ଘର ଛାଡୁନି ତ ଆଉ କିଏ କର୍ମଚାରୀ ନ ହୋଇ ବି ରହୁଛି। ପୁଣି କିଏ ଘର ଭଡ଼ା ଲଗାଇ ଦେଉଛି। ବର୍ଷ ବର୍ଷ ଧରି ମ୍ୟୁନିସିପାଲଟି କଲୋନୀକୁ ଏମିତି କବ୍‌ଜା କରି ରଖାଯାଇଛି। ଆଶ୍ଚର୍ଯ୍ୟର କଥା ମହାନଗର ନିଗମ ଆଜି ପର୍ଯ୍ୟନ୍ତ ଏ ସମ୍ପର୍କରେ କିଛି ଜାଣି ପାରିନଥିଲା। ଗତ ସପ୍ତାହେ ତଳେ ମ୍ୟୁନିସିପାଲଟି କଲୋନୀ କ୍ୱାର୍ଟର୍ସ ତନାଘନା ବେଳେ ଏହା ସାମ୍ନାକୁ ଆସିଛି। ଯାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା ବେଳେ ପରବର୍ତ୍ତୀ ପଦକ୍ଷେପ ନେଇ କର୍ତ୍ତୃପକ୍ଷ ଚିନ୍ତା କରୁଛନ୍ତି। ଲାଞ୍ଜିପଲ୍ଲୀ ୧୭ ନମ୍ବର ୱାର୍ଡ଼ରେ ରହିଛି ଏହି ମ୍ୟୁନିସିପାଲଟି କ୍ୱାର୍ଟର୍ସ। ଏଠାରେ ସମୁଦାୟ ୭୬ଟି କ୍ୱାର୍ଟର୍ସ ରହିଛି। ହେଲେ ସିଂହଭାଗ କ୍ୱାର୍ଟର୍ସ ଏବେ ଜବରଦଖଲରେ। ଅଭିଯୋଗ ପାଇବା ପରେ ମହାନଗର ନିଗମ ପକ୍ଷରୁ ଗତ ଗୁରୁବାର ଏକ ସର୍ଭେ କରାଯାଇଥିଲା। ଯେଉଁଥିରୁ ମାତ୍ର ୧୧ ଜଣ ବିଏମ୍‌ସି କର୍ମଚାରୀଙ୍କୁ କ୍ୱାର୍ଟର୍ସ ଆବଣ୍ଟନ ହୋଇଥିବା ଜଣାପଡ଼ିଛି। କୌଣସି ଲିଖିତ ଅନୁମତି ନଥାଇ ଏହି କଲୋନୀରେ ୪୧ଟି କ୍ୱାର୍ଟର୍ସରେ ବାହାର ଲୋକ ରହୁଥିବା ସାମ୍ନାକୁ ଆସିଛି। ଯାହା ଦେଖି ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଦ ଉଡ଼ି ଯାଇଛି। ଏହି ୪୧ଟି କ୍ୱାର୍ଟର୍ସରେ ୧୯୯୯ ମସିହାରୁ ଲୋକ ରହୁଥିବା କୁହାଯାଉଛି। ମହାବାତ୍ୟା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ତତ୍‌କାଳୀନ ପ୍ରଶାସନ କିଛି ଦିନ ଲାଗି ଆଶ୍ରୟ ଦେଇଥିଲେ। ହେଲେ ପରେ ସେମାନେ ଆଉ ସେଠାରୁ ଅନ୍ୟତ୍ର ଗଲେ ନାହିଁ। କେବଳ ସେତିକି ନୁହେଁ, କିଛି ଲୋକ କ୍ୱାର୍ଟର୍ସରେ ଦୋକାନ ଘର ଖୋଲିଛନ୍ତି। ଆଉ କିଛି ଲୋକ ଏହାକୁ ନିଜ କବ୍‌ଜାରେ ରଖି ଭଡ଼ା ଦେଉଛନ୍ତି। ରାଜନୈତିକ ଛତ୍ରଛାୟାରେ ଆଉ କିଛି ଲୋକ ଧୀରେ ଧୀରେ ଏହି କ୍ୱାର୍ଟର୍ସ ସବୁ କବ୍‌ଜା କରି ନେଇଛନ୍ତି। ମହାନଗର ନିଗମ ଏହି ୪୧ କ୍ୱାର୍ଟର୍ସ ସମେତ ୭୬ଟି କ୍ୱାର୍ଟର୍ସରୁ ବର୍ଷ ବର୍ଷ ଧରି ଟଙ୍କାଟିଏ ଭଡ଼ା ପାଇନଥିବା ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା କ୍ୱାର୍ଟର୍ସ ଭାଙ୍ଗି ସେଠାରେ ଏକ ୱାର୍ଡ଼ ଅଫିସ୍ ଖୋଲିଛି। ଯେଉଁଠାରେ ୩୬ ନମ୍ବର କର୍ପୋରେଟେର ଡା. ସୋନାଲି ଗନ୍ତାୟତ ଏହି ଅଫିସ୍‌ରେ ଅପରାହ୍ନ ୪ଟା ରୁ ୭ଟା ଯାଏଁ ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ଏପରିକି ୪ଟି କ୍ୱାର୍ଟର୍ସ ଭଙ୍ଗାଯାଇ ପାଣି ଟାଙ୍କି ବି ତିଆରି ହୋଇଛି। ନିକଟରେ କିଛି କ୍ୱାର୍ଟର୍ସକୁ ମାଟିରେ ମିଶାଇ ତା ଉପରେ ୩ଟି ଅଙ୍ଗନବାଡ଼ି ନିର୍ମାଣ ଚାଲିଛି। କଲୋନୀରେ ଟ୍ରାନ୍ସଫର୍ମର ବସାଇବାକୁ ଆଉ କିଛି କ୍ୱାର୍ଟର୍ସକୁ ଧ୍ୱଂସ କରି ଦିଆଯାଇଛି। ତେବେ ଏହି କ୍ୱାର୍ଟର୍ସ ସବୁ ମାଟିରେ ମିଶିବା ଓ ତା ଉପରେ ନୂତନ ନିର୍ମାଣ ବେଳେ ମହାନଗର ନିଗମ ଜାଣିପାରିଲେନି କେମିତି, ତାହା ବଡ଼ ପ୍ରଶ୍ନ ହୋଇଛି। ଏ ସମ୍ପର୍କରେ ମହାନଗର ନିଗମ କମିଶନର ୨ଟି ଟିମ୍ ଗଠନ କରି ସର୍ଭେ କରାଇଛନ୍ତି। ଡେ଼ପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସହ ୨ଜଣ ସହକାରୀ କମିଶନର, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସର୍ଭେ କରିଛନ୍ତି। ଅନଧିକୃତ ଭାବେ ରହୁଥିବା ଲୋକଙ୍କୁ ନୋଟିସ ଦିଆଯିବା ସହ କେଉଁଠୁ ଅନୁମତି ବଳରେ କ୍ୱାର୍ଟର୍ସ ଭଙ୍ଗାଯାଇଛି ତାହାର ତଦନ୍ତ ହେବ ବୋଲି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି।

## ଗିରଫ ମହିଳାଙ୍କ ଘର ଜାଳି ଦେଲେ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ପୁରୁଷୋତ୍ତମପୁର ବ୍ଲକ ସାମନ୍ତରା ପୁର ଗାଁରେ ଗତ ୧୦ ତାରିଖ ରାତିରେ ସୋନାଲି ସ୍ୱାଇଁ, ପଡ଼ୋଶୀ ଆଦିତ୍ୟ ଜେନା(୯)ର ତଣ୍ଟି ଚିପି ହତ୍ୟା କରିଥିବା ଘଟଣା ସମ୍ପର୍କରେ କବିସୂର୍ଯ୍ୟ ନଗର ପୁଲିସ ତଦନ୍ତରୁ ଜାଣିବା ପରେ ସୋନାଲିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଳମ୍ବିତ ରାତିରେ ଉତ୍ୟକ୍ତ ଗ୍ରାମବାସୀ ସୋନାଲିର ଘରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ୍ତ କରିବା ସହ ସୁରକ୍ଷିତ ଭାବେ ଘରେ ଶୋଇଥିବା ଅନ୍ୟ ସଦସ୍ୟମାନଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି।

# କୁଲଡ଼ିହା ଅଭୟାରଣ୍ୟରୁ ଗାଁକୁ ପଶିଆସିଲେ ହାତୀ ପଲ : ଲୋକେ ଭୟଭୀତ

**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**



ବାଲେଶ୍ୱର ଜିଲ୍ଲା ନୀଳଗିରିର କୁଲଡିହା ଅଭୟାରଣ୍ୟରେ ଥିବା ହାତୀପଲ ଗାଁ ଗଣ୍ଡାରେ ପଶି ବ୍ୟାପକ ଉପଦ୍ରବ ଚଳାଉଛନ୍ତି। ଗୋଟେ ହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ବିଳମ୍ବିତ ରାତିରେ ଏକ ପେଟ୍ରୋଲ ଟାଙ୍କି ଭିତରେ ପଶି ଏଣେ ତେଣେ ହେବା ଦୃଶ୍ୟ ସମ୍ପ୍ରତି ଅଞ୍ଚଳରେ ପ୍ରଘଟ ହେବାରେ ଲାଗିଛି। ନୀଳଗିରିରୁ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଥିବା ମାନଗଡ଼ ପେଟ୍ରୋଲ ଟାଙ୍କିରେ ଏହି ହାତୀଟି ବୁଲୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

ଖାଦ୍ୟ ପାଇଁ ଦେବଗିରି ପାହାଡ଼ରୁ ଏହି ହାତୀଟି ବିଲ ରାସ୍ତା ଅତିକ୍ରମ କରିବା ପରେ ପେଟ୍ରୋଲ ଟାଙ୍କିରେ ପହଞ୍ଚିଥିଲା। ରାତିରେ ଟାଙ୍କି କର୍ମଚାରୀମାନେ ହାତୀକୁ ଦେଖି ଭୟଭୀତ ହେବା ସହ ସମସ୍ତେ ଭିତରେ ଲୁଚି ରହିଥିଲେ। କିଛି ସମୟ ଏହି ହାତୀଟି ଏଣେ ତେଣେ ହେବା ପରେ ପୁନଶ୍ଚ ଜଙ୍ଗଲ ଆଡ଼କୁ ପଳାଇଥିଲା। ପଞ୍ଚଲିଙ୍ଗେଶ୍ୱର, ମାନଗଡ଼, ଖୁଲିଆ, ଢ଼ୋଲପୁର, ବାଉଁଶବଣିଆ ପ୍ରଭୃତି ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ନୂଆ ନଥିଲେ ମଧ୍ୟ ପେଟ୍ରୋଲ ଟାଙ୍କି ଭିତରେ ହାତୀର ଅଚାନକ ପ୍ରବେଶ ସମ୍ପ୍ରତି ଅଞ୍ଚଳରେ ବେଶ୍ ଚର୍ଚ୍ଚା ହୋଇଛି।

# ଶିଶୁମାନଙ୍କ ସମସ୍ୟା ସମାଧାନ ନିମନ୍ତେ ପରାମର୍ଶ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରେଆର କାର୍ଯ୍ୟାଳୟ ଧୋବାମୁଣ୍ଡା ଠାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧ ଅଭିଯାନ (ସିଏସିଏଲ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଇଉଖ ରାଜ୍ୟ ଆବାହକ ସୁକାନ୍ତ ନାଏକ ଓ ପଶ୍ଚିମାଞ୍ଚଳ ଆବାହିକା ମିନୁକ୍ଷୀ ପୁରୋହିତ ଉପସ୍ଥିତ ରହି ଶିଶୁ ଅଧିକାର ଏବଂ ସିଏସିଏଲର ଆଗାମୀ ଯୋଜନା ଏବଂ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା- ରେଆର, ଗ୍ରାମଥନ, ସିୟା (ବିଏମପୁର), ପ୍ରୟାସ (କମସାରା) ହେଲ୍ପ ଟୁ ଅଦର (ବିନିକା)ପ୍ରମୁଖ ଉପସ୍ଥିତି ରହି ସୁବର୍ଣ୍ଣପୁର ଜିଲ୍ଲାରେ ଶିଶୁମାନଙ୍କ ସହିତ ଜଡିତ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଏହି ବୈଠକରେ ସର୍ବସମ୍ମତି କ୍ରମେ ଅନଙ୍ଗ ନେଗୀଙ୍କୁ ଜିଲ୍ଲା ଆବାହକ ଏବଂ ପ୍ରତାପ ପଧାନଙ୍କୁ ସହ ଆବାହକ ରୂପେ ଚୟନ କରାଗଲା ଏବଂ ଆସନ୍ତା ଦିନରେ ଜିଲ୍ଲା ଟାସ୍କ ଫୋର୍ସକୁ ନିୟମିତ କରିବା ଏବଂ ଶିଶୁ ସୁରକ୍ଷା କୁ ସୁନିଶ୍ଚିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନଙ୍ଗ ନେଗୀ ସ୍ୱାଗତ କରିବା ସହ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ପରିଶେଷରେ ପ୍ରତାପ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୨୩ରୁ ଗଞ୍ଜାମ ଜିଲ୍ଲାରେ ଧାନ କିଣା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୩ ତାରିଖରୁ ଗଞ୍ଜାମ ଜିଲ୍ଲାରେ ଚାଷୀଙ୍କ ଠାରୁ ସରକାର ମଣ୍ଡି ମାଧ୍ୟମରେ ଧାନ କିଣିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ତେବେ ଏହା ପୂର୍ବରୁ ଆନ୍ଧ୍ରପ୍ରଦେଶ ବେପାରୀ ଓ ଦଲାଲ ମାନେ ଚାଷୀଙ୍କ ଠାରୁ କମ୍ ଦରରେ ଧାନ କିଣିବାକୁ ଉଦ୍ୟମ କରୁଥିବାରୁ ଜିଲା ପ୍ରଶାସନ ଯୋଗାଣ ବିଭାଗ ଓ ପୁଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି।

# ଖଳାରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ ଜଳିଗଲା ୬୦୦ ବସ୍ତା ଧାନ

**ବଲାଙ୍ଗୀ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଉଡ଼ାର ପଞ୍ଚାୟତ ଜଳିଆ ଗାଁର ଚାଷୀ ସୂର୍ଯ୍ୟନାରାୟଣ ନାଏକଙ୍କ ଧାନଖଳାରେ ଗଦା ହୋଇଥିବା ଧାନରେ ରାତିରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ। ଚାଷୀ ଖଳାରେ ନିଆଁ ଲାଗିଥିବା ଜାଣିବା ପରେ ଦେଓଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର ଦୁଇଟି ଗାଡ଼ି ନିଆଁ ଲିଭାଇବାରେ ଲାଗିଥିଲେ। କିନ୍ତୁ ଶତକଡ଼ା ୯୦ ଭାଗ ଧାନ ପୋଡ଼ିଯାଇଛି। ପ୍ରାୟ ୬ ଶହ ବସ୍ତା ଧାନ ହୋଇଥାନ୍ତା। ଧାରଉଧାର କରି ଚାଷ କରିଥିବା ଚାଷୀ ଉପରେ ଚଡ଼କ ପଡ଼ିଛି। ସ୍ଥାନୀୟ ଆମ୍ ଆଦ୍‌ମୀ ପାର୍ଟିର ନେତା ଆଶିଷ ପାଣ୍ଡେ ନିଆଁ ଲାଗିଥିବା ଧାନଖଳାରେ ପହଞ୍ଚି ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

# ଖପ୍ରାଖୋଲରେ ଭୀମ ଭୋଇ ସାମର୍ଥ୍ୟ ଅଭିଯାନ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ୍ ପ୍ରଶାସନ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବିଏଫ୍‌ଓ ହରେକୃଷ୍ଣ ମେହେର ଯୋଗ ଦେଇଥିଲେ। ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ଉପରେ ଅତିଥିମାନେ ଉପସ୍ଥାପନ କରିବା ସହିତ ତାହାର ଲାଭ ନେବାକୁ କହିଥିଲେ। ଏହି ଅବସରରେ ଭତ୍ତା ପାଇଁ ୫୯ ଜଣ, ମାଗଣା ଲାପଟପ୍ ପାଇଁ ୭ ଜଣ, ବସ୍ ଓ ଟ୍ରେନ୍ ପାସ୍ ପାଇଁ ୪୬ ଜଣ, ବିଭିନ୍ନ ଉପକରଣ ପାଇଁ ୧୦୫ ଜଣ ହିତାଧିକାରୀ ଆବେଦନ କରିଥିବା ବେଳେ ଆବେଦନକୁ ତର୍ଜମା କରି ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପ୍ରକାଶ କରିଛନ୍ତି।

# ଗୋପାଳପୁରରେ ୩ ଦିନିଆ ଦକ୍ଷିଣ ଏସୀୟ ମୈତ୍ରୀ ସମ୍ମିଳନୀ ଉଦ୍‌ଯାପିତ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ଠାରେ ଥିବା ହୋଟଲ ସି ସାଇଡ ବ୍ରିଜ୍ ପରିସରରେ ୩ ଦିନିଆ ଦକ୍ଷିଣ ଏସୀୟ ମୈତ୍ରୀ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସଂଗଠନର ସଭାପତି ଦୀପକ ମାଳବ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଲୋକ ସେବକମଣ୍ଡଳ ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ।



ସମ୍ମିଳନୀର ପାଟ୍ରନ ତଥା ପଞ୍ଜାବର ପୂର୍ବତନ ପୁଲିସ ଡିଜି ଡ. ଡି.ଆର ଭାଟି ମଞ୍ଚସୀନ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା, ଦିଲ୍ଲୀ, ପଞ୍ଜାବ, ଗୁଜୁରାଟ, ମଣିପୁର, ତ୍ରିପୁରା, ଆସାମ, ମଧ୍ୟ ପ୍ରଦେଶ, ଅନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଭଳି ୧୮ ଟି ରାଜ୍ୟର ପ୍ରତିନିଧି ଯୋଗ ଦେଇ ଦକ୍ଷିଣ ଏସିଆରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ଆଲୋଚନା କରିବା ସହ ନିଜ ଭିତରେ ସାଂସ୍କୃତିକ ଭାବ ଆଦାନ ପ୍ରଦାନ କରିଥିଲେ। ଡ. ଶଙ୍କର ମାଝୀ ମଞ୍ଚ ପରି ଚାଳନା କରିଥିବା ବେଳେ ହରିକୃଷ୍ଣ କୋଠୀଆ, ପଲବ ଦାସ, ଡ. ରମେଶ ମାଝି, ଅଶୋକ ସାମନ୍ତ, ରମାକାନ୍ତ ସାହୁ ସହଯୋଗ କରିଥିଲେ।

## ୧୭ ଦାଦନ ଶ୍ରମିକ ଉଦ୍ଧାର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ତୁରେକେଲା ଅଞ୍ଚଳରେ ଦାଦନ ଚାଲାଣ ରୋକିବାକୁ କଡା ଆଭିମୁଖ୍ୟ ଗ୍ରହଣ କରିଛି ପୋଲିସ। ଲଗାତାର ଦିନକୁ ଦିନ ବେଆଇନ ଚାଲାଣ ହେଉଥିବା ଶ୍ରମିକଙ୍କୁ ଉଦ୍ଧାର କରି ସର୍ଦ୍ଦାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତୁରେକେଲା ପୋଲିସ। ପୁଣି ଶନିବାର ବେଆଇନ ଭାବେ ନୂଆପଡ଼ା ଜିଲ୍ଲାର କୋମନା ଥାନା ନୂଆଗାଁ ଏବଂ ତୁରେକେଲା ଥାନା ମହୁଲ ବାହାଲି ଗାଁ ର ୧୭ ଦାଦନ ଶ୍ରମିକଙ୍କୁ ତୁରେକେଲା ଥାନା ଅର୍ନ୍ତଗତ ନୂଆପଡ଼ାର ଦାଦନ ସର୍ଦ୍ଦାର ପୀତବାସ ତାଣ୍ଡି ଓରଫ ଟଙ୍କ ତାଣ୍ଡି ରାଜ୍ୟ ବାହାରକୁ ବେଆଇନ ଭାବେ ଚାଲାଣ କରୁଥିବା ବେଳେ ଏନେଇ ତୁରେକେଲା ପୋଲିସ କୌଣସି ସୂତ୍ରରୁ ଖବର ପାଇ ମହୁବାହାଲି ଗାଁ ଠାରୁ ଶ୍ରମିକ ମାନଙ୍କୁ ଉଦ୍ଧାର କରିଛି। ତୁରେକେଲା ଥାନା କେସ ନଂ ୩୪୧।୨୫ ରେ ମାମଲା ରୁଜୁ କରି ଦାଦନ ସର୍ଦ୍ଦାର ଟଙ୍କ ତାଣ୍ଡିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ବୀରମହାରାଜପୁର ନିର୍ବାଚନ ସ୍ୱାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟର ଭୋଟର ବା ନିର୍ବାଚକ ସ୍ୱାକ୍ଷରତା କ୍ଲବ୍‌ର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭୋଟର ବା ନିର୍ବାଚକ ସ୍ୱାକ୍ଷରତା ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଅବସରରେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୮ ବର୍ଷ ପୂରଣ ହୋଇ ସାରିଥିବା ଓ ନିକଟ ଭବିଷ୍ୟତରେ ୧୮ ବର୍ଷ ପୂରଣ ନେବାକୁ ଯାଉଥିବା ସମ୍ଭାବ୍ୟ ଭୋଟର ବା ଛାତ୍ର ଛାତ୍ରୀମାନେ ନିଜର ନାମ ଭୋଟ ଗ୍ରହଣ କେନ୍ଦ୍ରର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସବିଶେଷ ତାଲିମ ପ୍ରଦାନ କରିବା ସହିତ ସଚେତନ କରାଯାଇଥିଲା। ଏହି ଭୋଟର ବା ନିର୍ବାଚକ ଭୋଟର କ୍ଲବ୍‌ର ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ସାମାଜିକ କର୍ମୀଙ୍କ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ଗ୍ରାମ ପଞ୍ଚାୟତର ଭୂଆଁ ଭୂଇଁ ଗ୍ରାମର ହରିଜନ ବସ୍ତିରେ ଗରିବ ବୃଦ୍ଧ ବୃଦ୍ଧା ତଥା ଭିନ୍ନକ୍ଷମଙ୍କୁ ବିଶିଷ୍ଟ ସାମାଜିକ କର୍ମୀ ତଥା ଅବସର ପ୍ରାପ୍ତ ସେନାଧିକାରୀ ଭାଗିରଥି ବେହେରାଙ୍କ ଦ୍ୱାରା ଶୀତ ବସ୍ତ୍ର ସହ ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଋଷିକୁଲ୍ୟା ରୟତ ମହା ସଂଘର ସଂପାଦକ ସୀମାଞ୍ଚଳ ନାହାକ, ସ୍ୱେଚ୍ଛାସେବୀ ମିନି ମହାପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପି.ସି.ସି. ସଭ୍ୟ ଭବାନୀ ବେହେରା ପ୍ରମୁଖ ଯୋଗଦେଇ ନିଃସହାୟ ବୃଦ୍ଧ ବୃଦ୍ଧାଙ୍କୁ ୫୦ରୁ ଅଧିକ କମ୍ବଳ ବଣ୍ଟନ କରିଥିଲେ। ସଂପ୍ରତି ଶୀତର ପ୍ରକୋପ ବୃଦ୍ଧି ପାଉଥିବାରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଏହା ସହାୟକ ହୋଇପାରିବ ବୋଲି ଉପଭୋକ୍ତା ମାନେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ଦଳିତ ବସ୍ତିରେ ସଧାରଣ ଜନତାଙ୍କ ସାମାଜିକ ଆର୍ଥିକ ବିକାଶ ପାଇଁ ଶିକ୍ଷାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ନାରୀ ଶିକ୍ଷାର ପ୍ରସାର ଏବଂ ନିଶା ଦ୍ରବ୍ୟଠାରୁ ପୁରୁଷମାନଙ୍କୁ ଦୂରରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତି ଭାଗିରଥି ବେହେରାଙ୍କ ଅବଦାନକୁ ଜନସାଧାରଣଙ୍କ ତରଫରୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା।

# ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ

**ଖପ୍ରାଖୋଲ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ବଡ଼ଗୁର୍ଜିଭଟା ପ୍ରାଥମିକ ବିଦ୍ୟାଳୟ ଠାରେ ଖପ୍ରାଖୋଲ କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା 'ଆସ ସ୍କୁଲ ଯିବା' ଅଭିଯାନ ଖପ୍ରାଖୋଲ ସିଆରସିସି ପ୍ରଦୀପ୍ କୁମ୍ଭାରଙ୍କ ସଭାପତିତ୍ୱରେ ଖପ୍ରାଖୋଲ କ୍ଲଷ୍ଟର ଅନ୍ତର୍ଗତ ବଡ଼ଗୁର୍ଜିଭଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇ ଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଏବିଇଓ ତଥା ବିଆରସିସି ରୁଦ୍ରଦେବ ଷଡ଼ଙ୍ଗୀ ସମ୍ମାନିତ ଅତିଥି ରୂପେ ବଡ଼ଗୁର୍ଜିଭଟା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଅଙ୍ଗନୱାଡ଼ି କର୍ମୀ ତିଲୋତ୍ତମା ବାଗ୍ ଆଶାକର୍ମୀ ପନଜମୀ ଖର୍ସେଲ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ସିଂ ବରିହା, ଶ୍ୟାମସୁନ୍ଦର ଦଲେଇ, ଜଗନ୍ନାଥ ପାଣ୍ଡେ, ବସୁଦେବ ଆଚାର୍ଯ୍ୟ, ମୋତିଲାଲ ତାଣ୍ଡି, ସୁଧୀର କୁମାର ନାଗ, ଧରମ ସିଂ ଧରୁଆ ପ୍ରମୁଖ ଯୋଗ ଦେଇ ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟ ବାହାରେ ଥିବା, ଆଦୌ ନାମ ଲେଖାଇ ନଥିବା ଛାତ୍ରଛାତ୍ରୀ ମାନଙ୍କୁ କେମିତି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିହେବ ସେଥିପ୍ରତି ସମସ୍ତେ ଚେଷ୍ଟା କରିବାକୁ ଆଗେଇ ଆସିବା ଉଚିତ ବୋଲି ମତ ଦେଇଥିଲେ। ୬ ରୁ ୧୪ ବର୍ଷର ଶିଶୁମାନେ ଗାଁ ବିଦ୍ୟାଳୟରେ ଯେମିତି ନାମ ଲେଖାଇବେ ସବୁ ଦିନ ପାଠପଢି ଆସିବେ, ୧୪ ରୁ ୧୮ ବର୍ଷର ଅଧାରୁ ପାଠ ପଢିଥିବା ଛାତ୍ରଛାତ୍ରୀ ମାନେ ଯେମିତି ଏସଆଇଓଏସରେ ଓ ଦଶମ ପାଶ୍ କରି ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ ମାନେ କିପରି ଏନଆଇଓଏସରେ ନାମ ଲେଖାଇବେ ଓ ପାଠ ପଢି ଆଗକୁ ଯିବେ ସେ ଉପରେ ଅଭିଭାବକ ମାନଙ୍କ ସହ ସିଆରସିସି ପ୍ରଦୀପ୍ କୁମ୍ଭାର ଆଲୋଚନା କରିଥିଲେ। ଉପସ୍ଥିତ ଥିବା ଡ୍ରପଆଉଟ୍ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବା ସହିତ ଖାତା, କଲମ ଦେଇ ପାଠ ପଢିବାକୁ ଉତ୍ସାହିତ କରାଯାଇ ଥିଲା। ପରେ ମଧ୍ୟାହ୍ନ ଭୋଜନ ବିରତି ପରେ ଛାତ୍ର/ଛାତ୍ରୀମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଗାଁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗାଁ ପରିକ୍ରମା କରି ଶିକ୍ଷାର ମହତ ଉଦ୍ଦେଶ୍ୟ ବିଷୟରେ ତଥା ଡ୍ରପ୍‌ଆଉଟ୍ ରୋକିବାକୁ ପ୍ରଚାର ପ୍ରସାର କରିଥିଲେ। ଏଥିରୁ କିଛି ଡ୍ରପଆଉଟ୍ ଛାତ୍ର ଛାତ୍ରୀ ଉତ୍ସାହିତ ହୋଇ ସିଆରସିସିଙ୍କ ସହ ଖପ୍ରାଖୋଲ ଏସଆଇଓଏସ କେନ୍ଦ୍ରକୁ ଯାଇ ନାମ ଲେଖାଇଥିଲେ। ଶିକ୍ଷକ ଧରମ ସିଂ ଧରୁଆ ସଭା ସଂଯୋଜନା କରିଥିବା ବେଳେ ଶେଷରେ ଶିକ୍ଷକ ବସୁଦେବ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ଛାତ୍ରୀଙ୍କୁ ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟର ସହଯୋଗ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ଗାଇସିଲେଟ ବ୍ଲକ ଜଗଲ ପାଟଗ୍ରାମର ସୁଜିତ୍ ଭୋଇଙ୍କ ଝିଅ ଗୀତାଞ୍ଜଳି ଭୋଇ ଯିଏକି ବଲାଙ୍ଗୀର ରାଜେନ୍ଦ୍ର କଲେଜର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଘରର ଆର୍ଥିକ ପରିସ୍ଥିତି ଯୋଗୁ ହଷ୍ଟେଲ ଓ ଅନ୍ୟାନ୍ୟ ଫିସ୍ ଦେଇ ପାରୁ ନ ଥିବାରୁ ବାଧହୋଇ ପାଠ ଛାଡ଼ି ଦେଉଥିଲା। କୌଣସି ସୂତ୍ରରୁ ଖବର ପାଇ ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟଙ୍କ ପ୍ରତିଷ୍ଠାତା କୀର୍ତ୍ତନ ଦାଶଙ୍କ ସହିତ ସେ ତାଙ୍କ ବାପା ସହିତ ଆସି ଯୋଗାଯୋଗ କଲେ। ତା'ପରେ ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟ ଏବେ ଠାରୁ ତା'ର ଯେତେ ପର୍ଯ୍ୟନ୍ତ ପାଠ ପଢିବାର ସମସ୍ତ ଖର୍ଚ୍ଚ ବହନ କରି ପୁଣି ତା'ର ପାଠ ପଢିବା ପାଇଁ ରାଜେନ୍ଦ୍ର କଲେଜକୁ ପଠାଇଲା। ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟ ଏମିତି ଅନେକ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ପାଇଁ ସହାୟତା କରି ଆସୁଅଛି। ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟ ଆଗଲ ପୁର ବାଗ ଝୁଲା ଠାରେ ସମୀର ଦିବ୍ୟାଙ୍ଗ ବୃଦ୍ଧାଶ୍ରମ ଅଛି ସେଠାରେ ୩୫, ଜଣ ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧା ଅଛନ୍ତି।

# ଚମ୍ପୁଆ ରେଞ୍ଜ ଛାଡ଼ିବାକୁ ନାରାଜ ହାତୀ ପଲ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ରେଞ୍ଜରେ ୨୨ଟିକିଆ ହାତୀ ପଲ ଚାରି ଭାଗରେ ବିଭକ୍ତ ହୋଇ ଉତ୍ପାତ ଜାରି ରଖିଛନ୍ତି ଉତ୍ପାତ। ଚମ୍ପୁଆ ରେଞ୍ଜ ଛାଡ଼ି ହାତୀ ପଲ କୁଆଡ଼େ ଯିବାର ନାଁ ଧରୁ ନ ଥିବାରୁ ହାତୀଙ୍କ ଉତ୍ପାତ ମଧ୍ୟ ଥମିବାର ନାଁ ଧରୁ ନାହିଁ। ଗତରାତି ଚମ୍ପୁଆ ରେଞ୍ଜର ପଦ୍ମପୁର ଗାଁରେ ଦୁଇଟି ଘରଭାଙ୍ଗି ଘରଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି ଦୁଇ ଟିକିଆ ହାତୀ। ଏହି ଦୁଇଟି ହାତୀ ଗତ ରାତି ମୟୂରଭଞ୍ଜ ପଟୁ ବୈତରଣୀ ନଦୀ ପାର ହେଇ ପଦ୍ମପୁର ଗାଁରେ ଦୁଇଟି ଘର ଭାଙ୍ଗିଥିବା ବେଳେ ସକାଳୁ ନନ୍ଦପୁର ନିକଟରେ ରାସ୍ତା ପାର ହେଇ ଝାଲିଆବେଡ଼ା ଜଙ୍ଗଲରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଚମ୍ପୁଆ ସେକ୍ସନର ମୁକୁନ୍ଦପୁରରେ ଥିବା ବାର ଟିକିଆ ହାତୀ ପଲ ଗତ ରାତି ମଙ୍ଗଳପୁର, ଜଡ଼ିପଦା ଗାଁରେ ବ୍ୟାପକ ପନିପରିବା ନଷ୍ଟ କରିଛନ୍ତି। ମଙ୍ଗଳପୁର ଗାଁରେ ମହନ୍ତ ପ୍ରଧାନଙ୍କ ଆଖୁ ବଗିଚା ମାଡ଼ି ଚକଟି ଉଜାଡ଼ି ଦେଇଥିବା ବେଳେ ଜଡ଼ିପଦା ଗାଁରେ ବହୁ ପନିପରିବା ନଷ୍ଟ କରି ପୁଣି ସକାଳୁ ମୁକୁନ୍ଦପୁର ଜଙ୍ଗଲକୁ ଚାଲି ଯାଇଛନ୍ତି। ସେହିପରି ଏହି ରେଞ୍ଜର ବାମେବାରୀ ସେକ୍ସନର ସକରାଡିହି ଗାଁରେ ଦୁଇଟି ଓ ବାଲିବନ୍ଧ ସେକ୍ସନର ଚମକପୁର ଗାଁରେ ୬ଟି ହାତୀ ଥିବା ଜଣାପଡ଼ିଛି। ଅନ୍ୟପଟେ ଉଖୁଣ୍ଡା ସେକ୍ସନର କାଟୁଳିକନା ଗାଁ ରେ ଦୀର୍ଘଦିନ ଧରି ଆତଙ୍କ ଜାରି ରଖିଥିବା ୧୭ ଟିକିଆ ହାତୀ ପଲ ସକାଳୁ ବୈତରଣୀ ନଦୀ ଡେଇଁ ମୟୂରଭଞ୍ଜକୁ ଚାଲି ଯାଇଛନ୍ତି। ବନ ବିଭାଗର ଶତ ଚେଷ୍ଟା ସତ୍ତ୍ୱେ ହାତୀ ପଲ ଚମ୍ପୁଆ ରେଞ୍ଜ ଛାଡୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି।

# ଏସ୍‌ୟୁସିଆଇ ପକ୍ଷରୁ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**




ସୋସିଆଲିଷ୍ଟ ୟୁନିଟ ସେଣ୍ଟର ଅଫ ଇଣ୍ଡିଆର କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ୧୨ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ସେଣ୍ଟରର ଏକ ପ୍ରତିନିଧି ମଣ୍ଡଳୀ ଏଲିନା ସାମନ୍ତରାୟଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଜିଲ୍ଲାର ସମସ୍ତ ଗ୍ରାମ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣର ସୁ-ବ୍ୟବସ୍ଥା କରିବା, ଜିଲ୍ଲାର ଗୋବରୀ ନଦୀ ସମେତ ସମସ୍ତ ମୁଖ୍ୟ କେନାଲ ଗୁଡିକୁ ପୁନରୁଦ୍ଧାର କରାଯାଇ ଜଳ ଯୋଗାଣ କରିବା ଓ ଚାଷ ଜମିକୁ ଜଳ ଯୋଗାଣ ତ୍ୱରାନିତ୍ୱ କରିବା ସହ ସମସ୍ତ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ସରକାରୀ ମଣ୍ଡି ଦ୍ୱାରା କ୍ରୟ ବିକ୍ରୟ କରାଯାଉ। ସମସ୍ତ ଗ୍ରାମ ଓ ସହରାଞ୍ଚଳରେ ଡ୍ରେନଜ୍ ବ୍ୟବସ୍ଥା କରାଯିବା ସହ ବନ୍ଦ ହୋଇଥିବା ସ୍କୁଲ ଗୁଡ଼ିକୁ ଖୋଲାଯିବା ଓ ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯାଉ। ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ଓ ହସପିଟାଲରେ ପରିଣତ କରାଯିବା ସହ ସମସ୍ତ ବିଭାଗେର ଡାକ୍ତର ଓ ବିଶେଷଜ୍ଞ ଚିକିତ୍ସକମାନଙ୍କୁ ନିଯୁକ୍ତି ଦିଆଯାଉ। ନାରୀ ନିର୍ଯ୍ୟାତନା, ମାଦକ ଦ୍ରବ୍ୟ ଚୋରା ଚାଲାଣ, ମଦ ସଂସ୍କୃତିର ପ୍ରସାରଣ ଓ ଅପ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ପ୍ରତିବନ୍ଧକ ଲଗାଯାଉ ଆଦି ଦାବିଗୁଡ଼ିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟେର ବରିଷ୍ଠ ଏସ୍‌ୟୁସିଆଇର ନେତ୍ରୀ ହିରାମଣୀ ରାଉତ, ପ୍ରହଲ୍ଲାଦ ନାୟକ, ସୁରେନ୍ଦ୍ର କୁମାର ବେହେରା, ବ୍ରଜବାଳା ନାୟକ, ଗେଣଶ୍ୱର ମହାନ୍ତି, ସେନ୍ତାଷ କୁମାର ମହାନ୍ତି, ପବିତ୍ର ପଟ୍ଟନାୟକ, ଉମେଶ ମଲିକ, ପୁଷ୍ପଲତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟ୍ ଗ୍ରହଣ କେନ୍ଦ୍ର ପୁନର୍ଗଠନ ନେଇ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍‌ରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ଅଧ୍ୟକ୍ଷତାରେ ୧୦-ବଲାଙ୍ଗିର ଲୋକସଭା ମଣ୍ଡଳୀ ଅଧୀନସ୍ଥ ୬୪-ବୀରମହାରାଜପୁର ଏବଂ ୬୫-ସୋନେପୁର ବିଧାନସଭା ମଣ୍ଡଳୀର ଭୋଟଦାନ କେନ୍ଦ୍ରଗୁଡିକର ପୁନର୍ଗଠନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି।

ଏହି ବୈଠକରେ ଆମ ସୁବର୍ଣ୍ଣପୁର ଜିଲ୍ଲାରୁ ପଠାଯାଇଥିବା ଭୋଟକେନ୍ଦ୍ର ପୁନର୍ଗଠନ ପ୍ରସ୍ତାବ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ବିଷୟରେ ଅବଗତ କରାଯାଇଥିଲା।

ଅନୁମୋଦିତ ପ୍ରସ୍ତାବ ଅନୁସାରେ ଏହି ଜିଲ୍ଲାର ଦୁଇଟି ବିଧାନସଭା ମଣ୍ଡଳୀରେ ମୋଟ ୭୬ ଟି ନୂତନ ଭୋଟକେନ୍ଦ୍ର ସୃଷ୍ଟି ହୋଇଛି : ୬୪-ବୀରମହାରାଜପୁର ଏସିର ପୂର୍ବରୁ ଥିବା ୨୬୭ଟି ଓ ନୂତନ ୪୦ଟି ମିଶି ମୋଟ ୩୦୭ଟି ହେଲା : ୬୫-ସୋନେପୁର ଏସିର ପୂର୍ବରୁ ଥିବା ୩୧୯ଟି ଓ ନୂତନ ୩୬ଟି ହୋଇ ମୋଟ ୩୫୫ଟି ହେଲା। ସରକାରଙ୍କ ଅନୁମୋଦନ ପରେ ଭୋଟକେନ୍ଦ୍ରର ସ୍ଥାନିକରଣ ଏବଂ ନୂତନ ବିନ୍ୟାସ ବିଷୟରେ ରାଜନୈତିକ ଦଳପ୍ରତିନିଧି ମାନଙ୍କ ସହ ଦୃଢ଼ ଆଲୋଚନା କରାଯାଇଛି। ବୈଠକରେ ଉପସ୍ଥିତ ଥିବା ପ୍ରତିନିଧିମାନେ: ବିଜୁ ଜନତା ଦଳର କାଇରୁ ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସ ଦଳର ସୁଧୀର ପଣ୍ଡା, ଭାରତୀୟ ଜନତା ପାର୍ଟିର ସୁକାନ୍ତ କୁମାର ସାହୁ, ବହୁଜନ ସମାଜ ପାର୍ଟିର ସରୋଜ କୁମାର ତାଣ୍ଡି ଏବଂ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଯଶସ୍ୱିନୀ ପୃଥାଲ ଏହି ପୁନର୍ଗଠନ ଫଳରେ ଭୋଟଦାତାଙ୍କ ପାଇଁ ଅଧିକ ସୁବିଧା, ସହଜ ପହଞ୍ଚଗମ୍ୟତା ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ବୃଦ୍ଧି ହେବ ବୋଲି ମତ ପ୍ରକାଶ କରିଥିଲେ।

ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତିକୁ ଅଧିକ ସୁଚାରୁ ଭାବେ କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟଯୋଜନା ଶୀଘ୍ର ଜାରି କରାଯିବ ବୋଲି ଜଣାଯାଇଛି। ସମସ୍ତ ରାଜନୈତିକ ଦଳର ପ୍ରତନିଧିମାନଙ୍କୁ ସବୁ ବୁଥ୍ ପାଇଁ ବୁଥ ଲେବେଲ ଏଜେଣ୍ଟ ନିଯୁକ୍ତ କରି ସେମାନଙ୍କ ନାମ ଓ ମୋବାଇଲ ନମ୍ବର ସବୁ ପଠାଇବାକୁ ଅନୁରୋଧ କରାଗଲା।





# ଜିଲ୍ଲା ହସ୍ପିଟାଲକୁ ସୁପର ସ୍ପେଶାଲିଟି ମେଡିକାଲ କଲେଜ କରିବା ପାଇଁ ସାଂସଦଙ୍କ ଦାବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରଗଡ଼ ସରକାରୀ ଜିଲ୍ଲା ହସ୍ପିଟାଲକୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବାର ଜରୁରୀ ଆବଶ୍ୟକତା ବିଷୟରେ ଅବଗତ କରାଇବା ପାଇଁ ଏବଂ ଅତିରିକ୍ତ ଭାବରେ ବିଦ୍ୟମାନ ଜିଲ୍ଲା ହସ୍ପିଟାଲ ପରିସରରେ ୧୦୦ ଏମବିବିଏସ ସିଟ୍ କ୍ଷମତା ବିଶିଷ୍ଟ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ପାଇଁ ଅନୁରୋଧ କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖିଛନ୍ତି ବରଗଡ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ଜିଲ୍ଲା, ବିଶେଷ କରି ପଦମପୁର ଉପ-ବିଭାଗ, ପଶ୍ଚିମ ଓଡ଼ିଶାର ସବୁଠାରୁ ପଛୁଆ ଏବଂ ଅନୁନ୍ନତ ଅଞ୍ଚଳ ମଧ୍ୟରୁ ଗୋଟିଏ। ମୁଖ୍ୟତଃ କୃଷିପ୍ରଧାନ ଜନସଂଖ୍ୟା ଏବଂ ସୀମିତ ସ୍ୱାସ୍ଥ୍ୟସେବା ସମ୍ବଳ ସହିତ, ଜିଲ୍ଲାଟି ଉନ୍ନତ ଚିକିତ୍ସା ପାଇବାରେ କଠିନ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ। ଗୁରୁତର ରୋଗୀମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର, ରାୟପୁର କିମ୍ବା ବିଶାଖାପାଟଣାକୁ ୪ଶହ ୫ଶହ କିଲୋମିଟର ଯାତ୍ରା କରିବାକୁ ବାଧ୍ୟ କରାଯାଏ – ଯାହା ପ୍ରାୟତଃ ବିଳମ୍ବ ଚିକିତ୍ସା, ଭାରୀ ଆର୍ଥିକ ବୋଝ ଏବଂ ପ୍ରତିରୋଧଯୋଗ୍ୟ ଜୀବନହାନିର କାରଣ ହୋଇଥାଏ।ଡାକ୍ତରୀ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ସତ୍ତ୍ୱେ, ବର୍ତ୍ତମାନର ଜିଲ୍ଲା ହସ୍ପିଟାଲଟି ଅତ୍ୟନ୍ତ ଭାରଗ୍ରସ୍ତ ଏବଂ ଉନ୍ନତ ବିଶେଷଜ୍ଞ ସେବା, ଉଚ୍ଚମାନର ରୋଗ ନିର୍ଣ୍ଣୟ ସୁବିଧା ଏବଂ ଅନ୍ୟାନ୍ୟ ବିଭାଗର ଅଭାବ ରହିଛି। ପଦମପୁର, ଝାରବନ୍ଧ, ପାଇକମାଲ, ବିଜେପୁର, ଭଟଲି ଏବଂ ଅନେକ ସଂଲଗ୍ନ ବ୍ଲକର ଲୋକ ମାନେ ଏହି ହସ୍ପିଟାଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି, ଯାହା ଫଳରେ ଏହାର ଉନ୍ନତିକରଣ ଏକ ଜରୁରୀ ସାଧାରଣ ଆବଶ୍ୟକତା ପାଲଟିଛି। ବରଗଡ଼ ଜିଲ୍ଲା ହସ୍ପିଟାଲକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବା ଦ୍ୱାରା:



ପଶ୍ଚିମ ଓଡ଼ିଶାର ପ୍ରାୟ ୨୨ ଲକ୍ଷ ଲୋକଙ୍କୁ ଉନ୍ନତ ତୃତୀୟ ସ୍ତରୀୟ ଚିକିତ୍ସା ଯୋଗାଇବା; ଦୂରଗାମୀ ଚିକିତ୍ସା ଯାତ୍ରା ଏବଂ ସୁପାରିଶ ହ୍ରାସ କରିବା; ଜରୁରୀକାଳୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବାକୁ ସୁଦୃଢ଼ କରିବା; ଦୀର୍ଘକାଳୀନ ଏବଂ ଅଣ-ସଂକ୍ରାମକ ରୋଗର ନିର୍ଣ୍ଣୟ ଏବଂ ଚିକିତ୍ସାରେ ଉନ୍ନତି ଆଣିବା; ରାଜ୍ୟର ସବୁଠାରୁ ପଛୁଆ ଅଞ୍ଚଳରେ ଆଧୁନିକ ସ୍ୱାସ୍ଥ୍ୟ ସେବାର ସମାନ ସୁବିଧା ସୁନିଶ୍ଚିତ କରିବା। ଏହା ସହିତ, ବର୍ତ୍ତମାନର ଜିଲ୍ଲା ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ୧୦୦ ଏମବିବିଏସ ସିଟ୍ ସହିତ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶ୍ରୀ ନଡ୍ଡାଙ୍କୁ ଅନୁରୋଧ କରିଛନ୍ତି ସାଂସଦ। ଏହା କେବଳ ଡାକ୍ତରୀ ଶିକ୍ଷାରେ ଆଞ୍ଚଳିକ ପାର୍ଥକ୍ୟକୁ ପୂରଣ କରିବ ନାହିଁ ବରଂ ଆଗାମୀ ଦଶନ୍ଧି ପାଇଁ ବିଶେଷଜ୍ଞ ଡାକ୍ତର, ପ୍ରଶିକ୍ଷିତ ପାରାମେଡିକ୍ସ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବାର ଏକ ସ୍ଥାୟୀ ଇକୋସିଷ୍ଟମ ସୁନିଶ୍ଚିତ କରିବ। ଏକ ମେଡିକାଲ କଲେଜ ଆହୁରି ନିବେଶକୁ ଆକର୍ଷିତ କରିବ, ନିଯୁକ୍ତି ସୃଷ୍ଟି କରିବ ଏବଂ ସମଗ୍ର ଅଞ୍ଚଳର ସାମଗ୍ରିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ବରଗଡ଼ ଜିଲ୍ଲାବାସୀଙ୍କ ପ୍ରକୃତ ଆବଶ୍ୟକତା ଏବଂ ଦୀର୍ଘକାଳୀନ ଦାବିକୁ ଦୃଷ୍ଟିରେ ରଖି, କେନ୍ଦ୍ରୀୟ ପ୍ରାୟୋଜିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯୋଜନା ଅଧୀନରେ କିମ୍ବା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଆବଣ୍ଟନ ମାଧ୍ୟମରେ ଉଭୟ ପ୍ରସ୍ତାବକୁ ଅନୁମୋଦନ କରିବା ପାଇଁ ପୁରୋହିତ କେନ୍ଦ୍ରୀୟ ନେତୃତ୍ୱଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏଥି ସହ ଆପଣଙ୍କର ସମର୍ଥନ ହଜାର ହଜାର ପରିବାରକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ଯୋଗାଇବ ଏବଂ ଓଡ଼ିଶାର ସବୁଠାରୁ ପଛୁଆ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ ଦୀର୍ଘ ପ୍ରତୀକ୍ଷିତ ଆଶ୍ୱସ୍ତି ଆଣିବ ବୋଲି କହିଛନ୍ତି ସାଂସଦ।

# ଖରାପ ରାସ୍ତା ଯୋଗୁଁ ଘଟୁଛି ଦୁର୍ଘଟଣା : ୨ ମୃତ

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ଯଶିପୁର ଅଞ୍ଚଳରେ ଖରାପ ରାସ୍ତା ଯୋଗୁଁ ପୁଣି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଯଶିପୁର ବଜାର ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଯଶିପୁର ସମ୍ମୁଖରେ ଦୁର୍ଘଟଣା ଘଟିଛି। ୨ଜଣଙ୍କ ମୃତ ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ଧୋବାଡିହା ଅଞ୍ଚଳର ସମିମ୍ ଖାଁ ଏବଂ କରଞ୍ଜିଆ ଥାନା ଅନ୍ତର୍ଗତ ରୋଡ଼ଙ୍ଗ୍ ଗ୍ରାମର କ୍ରୀଷ୍ଣା ନାଏକ। ସେହିପରି ଗୁରୁତର ଆହତ ମାନେ ହେଲେ ଯଶିପୁର ଥାନା ଅନ୍ତର୍ଗତ ଇଟିଘର ଗ୍ରାମର ସୁଲତାନ ନାଏକ ଓ ସିତୁ ଖଣ୍ଡେଇ। ବୁଧବାର ଦିନ ସମୟରେ ଦୁଇ ବାଇକ ଦ୍ରୁତଗତିରେ ବେପରୁଆ ଭାବେ ଆସୁଥିଲେ। ମୁହାଁମୁହିଁ ଧକ୍କା ହେବା ଫଳରେ ସମସ୍ତଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଜଣେ ଘଟଣାସ୍ଥଳରେ ଓ ଅନ୍ୟ ଜଣେ ହସ୍ପିଟାଲ ଯିବା ବାଟରେ



ମୃତ୍ୟୁ ହୋଇଥିଲା। ଦୁଇ ଗୁରୁତର ବାଇକଙ୍କ ଯଶିପୁର ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ଯଶିପୁର ବଜାର ଛକରୁ ହାଟ ଛକ ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇ ଖାଲ ଖମାରରେ ଭର୍ତ୍ତି ହୋଇଯାଇଛି। ଯାହାର ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କାର୍ଯ୍ୟ ହେଉନଥିବାରୁ ନିୟମିତ ଭାବେ ଦୁର୍ଘଟଣା ଘଟି ଜୀବନ ହାନି ହେଉଛି। ଉକ୍ତ ରାସ୍ତା ଖରାପ ଯୋଗୁଁ ପୁଣି ଆଜି ଦୁର୍ଘଟଣା ଘଟିଛି। ଯାହାକୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ୨ଘଣ୍ଟା ପରେ ଆନ୍ଦୋଳନ ହଟିଥିଲା। ଦୁର୍ଘଟଣା ନେଇ ଯଶିପୁର ଥାନାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରହିଛି।

# ଭୁର୍ସିବାଞ୍ଜି ଗାଁରେ ସୌର ଶକ୍ତି ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଫେଲ



**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଭୁର୍ସିବାଞ୍ଜିପଡ଼ା ଗାଁରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନଥିବା ଅସୁବିଧାରର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗାଁରେ ୨୭ଟି ପରିବାର ଥିବା ବେଳେ ଗାଁର ଜନସଂଖ୍ୟା ୧୫୦ ହେବ। ଗାଁରେ ଦୁଇଟି ନଳକୂଅ ଥିବାବେଳେ। ଗୋଟିଏ ନଳକୂଅ ଅଚଳ ଥିବା ଜଣାପଡିଛି। ଏହି ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ଏକ ସୌରଶକ୍ତି ଚାଳିତ ଜଳଯୋଗାଣ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଅଚଳ ଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇବର୍ଷ ତଳୁ ପ୍ରକଳ୍ପ ନିର୍ମାଣାଧୀନ ଥିବା ବେଳେ ମାସେ ତଳେ ସୌର ଶକ୍ତି ପେନାଲ ଲଗାଯାଇଛି। ହେଲେ ଏବେ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଏନେଇ ଖପ୍ରାଖୋଲ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ନୂଆ ଦଳ ଗଠନ କରିବେ କି ମୋକିମ୍ !

# ମୋକିମ୍‌ଙ୍କୁ ଦଳରୁ ବହିଷ୍କାର ପରେ ସମର୍ଥକଙ୍କ ମେଳି

**କଟକ, ନ୍ୟୁଜ ବ୍ୟୁରୋ**

କଂଗ୍ରେସରୁ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ବହିଷ୍କାର କରାଯିବା ପରେ ଦଳ ଭିତରେ ହଲ୍ଚଲ୍ ସୃଷ୍ଟି ହୋଇଛି । ମୋକିମ୍‌ଙ୍କ ବିରୋଧରେ ଯାହା ପଦକ୍ଷେପ ନିଆଯାଇଛି, ତାହା ଅତି କଠୋର ବୋଲି ଅନେକ ବରିଷ୍ଠ ନେତା କହୁଛନ୍ତି । ସେ ଦଳ ପାଇଁ ସଂପତ୍ତି ଥିଲେ ବୋଲି ଅନେକ ନେତା ମତ ଦେଉଛନ୍ତି । ମୋକିମଙ୍କୁ ନେଇ ଏସବୁ ପ୍ରତିକ୍ରିୟା ଓ ବିବୃତି ମଧ୍ୟରେ ସେ ନୂଆ ଏକ ଦଳ ଗଠନ କରିବା ନେଇ ତାଙ୍କ ନିକଟତମ ମହଲରୁ ଯେଉଁ ଖବର ଶୁଣିବାକୁ ମିଳୁଛି ତାହା ରାଜନୈତିକ ଚର୍ଚ୍ଚାକୁ ଦ୍ୱିଗୁଣିତ କରିଛି । ଅନ୍ୟପଟେ ମୋକିମଙ୍କୁ ବହିଷ୍କାର ପରେ କଟକ ନଗର କଂଗ୍ରେସ ସଂଗଠକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତକାଲି ପୁରୀଘାଟ ଅଞ୍ଚଳରେ ବାରବାଟୀ କଟକ ବିଧାନସଭା କ୍ଷେତ୍ରର କଂଗ୍ରେସ ତୁଙ୍ଗ ନେତାଙ୍କ ସମେତ ନଗର କଂଗ୍ରେସର ୧ ନମ୍ବର ୱାର୍ଡରୁ ୫୯ ନମ୍ବର ୱାର୍ଡ ଯାଏ ବିଭିନ୍ନ ୱାର୍ଡର ଦଳୀୟ ଛାମୁଆ ନେତା, ସଂଗଠକ ଓ ଆଗଧାଡ଼ିର କର୍ମୀ ଏକାଠି ହୋଇଥିଲେ। ମୋକିମ୍ କିମ୍ବା ତାଙ୍କ ଝିଅ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ବୈଠକରେ ଉପସ୍ଥିତ ନଥିଲେ ମଧ୍ୟ କଟକ କଂଗ୍ରେସର କିଛି ତୁଙ୍ଗ ନେତା ଉପସ୍ଥିତ ଥିଲେ । ମୋକିମ୍‌ଙ୍କ ଅନୁଗତମାନେ ସମୂହ ଇସ୍ତଫା ଦେବା ନେଇ ଆଲୋଚନା ଚାଲିଥିବା ସମ୍ପର୍କରେ କିଛି ନେତା ଆଭାସ ଦେଉଥିଲେ ହେଁ କେହି ଇସ୍ତଫା ଦେଇ ନଥିଲେ । ତେବେ ଏନେଇ ଖୁବ୍‌ଶୀଘ୍ର ଝଲକ୍ ଦେଖିବାକୁ ମିଳିବ ବୋଲି କୁହାଯାଉଛି । ମୋକିମଙ୍କ ଶିବିର ଏକପ୍ରକାର ନିରବ ରହିଛି । ଏହାଝଡ଼ ପୂର୍ବର ନିରବତା ବୋଲି ଦଳର କିଛିନେତା କଳ୍ପନା କରୁଛନ୍ତି। କଟକରେ କଂଗ୍ରେସ ପାଇଁ ସଫଳତା ଆଣିବାରେ ମୋକିମଙ୍କ ଅବଦାନଙ୍କୁ ଭୁଲିପାରିବୁ ନାହିଁ ବୋଲି ବୈଠକରେ ବହୁ ନେତା କହିଥିଲେ। ଦଳର ସମ୍ମାନ ରଖିଥିବା ନେତାଙ୍କୁ ରାତାରାତି ଯଦି ବହିଷ୍କାର କରାଯିବ ତାହେଲେ ଆମ୍ଭମାନଙ୍କର ମୂଲ୍ୟ କ'ଣ ବୋଲି ଅନେକପ୍ରଶ୍ନ କରିଥିଲେ। ବହିଷ୍କାରକୁ ଆମେ ସହଜରେ ଗ୍ରହଣ କରିପାରୁନାହୁଁ,ତେଣୁ ମୋକିମ୍ ବାବୁଙ୍କ ସହ ଆମେ ଅଛୁ ବୋଲି ୫୯ଟି ଯାକ ୱାର୍ଡରୁ ଆସିଥିବା ନେତାଓ କର୍ମୀ ରୋକଠୋକ୍ ଶୁଣାଇଥିଲେ। ଏ ପର୍ଯ୍ୟନ୍ତ ମୋକିମ୍ ବାବୁଙ୍କ ସହ ଆମର ଆଲୋଚନା ହୋଇନାହିଁ । ଆଲୋଚନା ପରେ ଖୁବ୍ ଶୀଘ୍ର ଆମେ କିଛି ପଦକ୍ଷେପ ନେବୁ ବୋଲି ନଗର କଂଗ୍ରେସ ସଂଗଠନର ଅନେକ ନେତା ଗଣମାଧ୍ୟମକୁ ବୈଠକ ପରେ ପ୍ରତିକ୍ରିୟା ଦେଇ କହିଛନ୍ତି । ରାଜ୍ୟ କଂଗ୍ରେସରେ ସଂଖ୍ୟାଲଘୁ ଛାମୁଆ ନେତା ଭାବେ ମୋକିମ୍ ବହୁଚର୍ଚ୍ଚିତ ଚେହେରା ଥିଲେ। ୨୦୧୯ ରୁ ୨୦୨୪ ଯାଏ ସେ କଂଗ୍ରେସର ଏକମାତ୍ର ସଂଖ୍ୟାଲଘୁ ବିଧାୟକ ଭାବେ ଜିତିଥିଲେ । ଏବେ ଝିଅ ସୋଫିଆ ବିଧାୟିକା। କଟକ ନଗର କଂଗ୍ରେସ ଓ ଜିଲ୍ଲା ସମେତ ସାରାରାଜ୍ୟରେ ଅନେକ ସଂଖ୍ୟାଲଘୁ ନେତାମୋକିମଙ୍କ ସପକ୍ଷରେ ରହିଛନ୍ତି । ଭୋଟ ରାଜନୀତିରେ କଂଗ୍ରେସ ପାଇଁ ସଂଖ୍ୟା ଲଘୁ ଭୋଟ ବଡ଼ ପୁଞ୍ଜି ହୋଇଥିବା ବେଳେ ମୋକିମ୍‌ଙ୍କୁ ବହିଷ୍କାର କରିବା ଦଳ ପାଇଁକ୍ଷତି ପହଞ୍ଚାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି । ତେବେ ମୋକିମ୍ ନୂଆ ଦଳ ଗଠନ କରିବାନେଇ ଯେଉଁ ଚର୍ଚ୍ଚା ହେଉଛି ସେଥିରେ ସତ୍ୟତା କେତେ ରହିଛି ସେ ନେଇ କେହି ସ୍ଥିର ନିଶ୍ଚିତ ନୁହନ୍ତି । ରାଜନୈତିକ ସମୀକ୍ଷକଙ୍କ କହିବାନୁସାରେ, ଶୂନ୍ୟରୁ କେଉଁଠି ଚର୍ଚ୍ଚାହୁଏନି । ନେତାଙ୍କଠୁ କିଛି ଆଭାସ ନପାଇଲେ କର୍ମୀ କାହିଁକି ମିଛଟାରେ ଦଳଗଠନ କଥା ଚର୍ଚ୍ଚା କରିବେ ? କଂଗ୍ରେସରୁ ତାଙ୍କୁ ବହିଷ୍କାର କରାଯାଇଥିଲେ ମଧ୍ୟ କଂଗ୍ରେସର ନୀତି ଆଦର୍ଶକୁ ଆୟୁଧ କରିସେ ରାଜନୀତି କ୍ୟାରିୟର୍ ଆରମ୍ଭ କରିଛନ୍ତି ଓ କଂଗ୍ରେସକୁ ଭୁଲି ପାରିବେ ନାହିଁ ବୋଲି ଗତକାଲି ସାମ୍ବାଦିକମାନଙ୍କୁ କହିଥିଲେ ।ଏଣୁ ମୋକିମଙ୍କ ନୂଆ ଦଳ ଗଠନକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ଯଦିସତ ହୁଏ ତେବେ 'ଓଡ଼ିଶା, କଂଗ୍ରେସ, ଲୋକ ଓ ଜନ' ଭଳି ଶବ୍ଦକୁ ଯୋଡ଼ି ସେ କୌଣସି ରାଜନୈତିକ ଦଳ ବା ମୋର୍ଚ୍ଚାକରିପାରନ୍ତି ବୋଲି ତାଙ୍କ ନିକଟତମ ସୂତ୍ରରୁ ଶୁଣିବାକୁ ମିଳୁଛି। ଏ ସଂପର୍କରେ ମୋକିମଙ୍କ ପ୍ରତିକ୍ରିୟା ମିଳି ପାରିନଥିବାବେଳେ ତାଙ୍କ ଅନୁଗତ, ସମର୍ଥକମାନେ କେହି ମୁହଁ ଖୋଲୁନାହାନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଜୟନ୍ତୀ ପାଳିତ

# ସମଗ୍ର ଓଡିଶା ପାଇଁ ମହାରାଜାଙ୍କ ଅବଦାନ ଅତୁଳନୀୟ

**ବାରିପଦା, ନ୍ୟୁଜ ବ୍ୟୁରୋ**

ନବ ଓଡିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜର ତତ୍କାଳୀନ ପ୍ରଜାନୁରଞ୍ଜକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଜନ୍ମ ଜୟନ୍ତୀ ମଧୁବନ ରାଣିବାଗ ସ୍ଥିତ ମହାରାଜାଙ୍କ ସମାଧି ପୀଠରେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବର୍ଷୀୟାନ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ମଞ୍ଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ସଦସ୍ୟ ଉଦୟନାଥ ଜେନା, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ପିତାମ୍ବର ମଲ୍ଲିକ, ଗୋଲୋକ ମହାନ୍ତି, ଦୀପକ କୁମାର ନାୟକ, ସୟେଦ ସିରାଜୁଦ୍ଦିନ, ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ପୁଷ୍ପ ମାଲ୍ୟ ଅର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ ପୂର୍ବକ ସମଗ୍ର ଓଡିଶା ପାଇଁ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।



## ଆବାସିକ ଅଞ୍ଚଳରେ ବେଆଇନ ଭାବେ ମୋବାଇଲ ଟାୱାର ନିର୍ମାଣ ଅଭିଯୋଗରେ ହାଇକୋର୍ଟଙ୍କ ଜବାବ ତଲବ

# ଅତି କମରେ ୧୧ଶହ ବର୍ଗଫୁଟ ଆକାରର ଛାତ ଟାୱାର ପାଇଁ ଆବଶ୍ୟକ

**କଟକ, ନ୍ୟୁଜ ବ୍ୟୁରୋ**

ସିଡିଏ ସେକ୍ଟର-୬ର ଆବାସିକ ଅଞ୍ଚଳରେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ତଥା ନିୟମ ଉଲ୍ଲଂଘନ କରି ଘର ଛାତ ଉପରେ ମୋବାଇଲ ଫୋନ ଟାୱାର ନିର୍ମାଣ କରାଯିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ମାମଲାରେ ରାଜ୍ୟ ସରକାର, ସିଏମସି ଓ ସିଡିଏ ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ନିୟମ ଉଲ୍ଲଂଘନ କରି କରାଯାଉଥିବା ଅନଧିକୃତ ନିର୍ମାଣ



ପ୍ରସଂଗରେ ଜାଣିବା ପରେ ମଧ ସିଏମସି ଓ ଅନ୍ୟ କର୍ତ୍ତୃପକ୍ଷ କ'ଣ ପାଇଁ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଶୁଣାଣି ବେଳେ ପ୍ରଶ୍ନ ଉଠିଥିଲା। ନିୟମ ଉଲ୍ଲଂଘନ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ତରଫରୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଡିସେମ୍ବର ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାମଚନ୍ଦ୍ର ସାହୁ ଓ ଅନ୍ୟ ୧୦ଜଣଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୪ଶହ ବର୍ଗଫୁଟରୁ କମ୍ ଆକାରର ଆବାସିକ ପ୍ଲଟର ତୃତୀୟ ମହଲା ଛାତ ଉପରେ ମୋବାଇଲ ଫୋନ ଟାୱାର ବେଆଇନ ଭାବେ ନିର୍ମାଣ କରାଯାଉଥିବା ଅଭିଯୋଗ ନେଇ ଏହି ମାମଲା ଦାୟର ହୋଇଛି। ଅତି କମରେ ୧୧ଶହ ବର୍ଗଫୁଟ ଆକାରର ଛାତ ଟାୱାର ପାଇଁ ଆବଶ୍ୟକ। କିନ୍ତୁ ୪ଶହ ବର୍ଗଫୁଟରୁ କମ ଆକାର ଛାତ ଉପରେ ନିୟମ ଉଲ୍ଲଂଘନ କରି ମୋବାଇଲ ଟାୱାର ନିର୍ମାଣ କରାଯାଉଛି। ବାତ୍ୟା ବା ଅନ୍ୟ ପ୍ରକୃତିକ ଦୁର୍ବିପାକ ବେଳେ ଯଦି ମୋବାଇଲ ଟାୱାର ପଡ଼ିଯାଏ ତେବେ ଅନ୍ୟମାନଙ୍କ ପାଇଁ ବିପଦ ହେବ। ଏଥି ସହିତ ଏହି ବ୍ଲକରେ ଆବାସିକ ପ୍ଲଟ ଗୁଡ଼ିକ ଲାଗି ଲାଗି ରହିଛି। ଏଭଳି ଆବାସିକ ଅଞ୍ଚଳରେ ମୋବାଇଲ ଟାୱାର ବେଆଇନ। ଏଥି ପାଇଁ ସିଏମସିର ମଧ୍ୟ ଅନୁମତି ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଟ୍ଟନାୟକ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ପେଭର ପ୍ଲେଟ ପଡ଼ିଥିବା ସ୍ଥାନରେ ବଢୁଛି ଆବର୍ଜନା

# ସୁରକ୍ଷା ଉପରେ ଦୃଷ୍ଟି ଦେବାକୁ ଦୃଢ ଦାବି





**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ପୌରାଞ୍ଚଳକୁ ସୌନ୍ଦର୍ଯ୍ୟ କରଣ କରିବା ଉଦେଶ୍ୟରେ ପୌର ବିଭାଗ ପକ୍ଷରୁ ସ୍ଥାନେ ସ୍ଥାନେ ପେଭର ପ୍ଲେଟ ରାସ୍ତାର ଉଭୟ ପାର୍ଶ୍ୱରେ ପକାଇବା, ଆଲୋକୀକରଣ, ମିନି ଜିମ, ଆଦର୍ଶପୋଖରୀ ପ୍ରଭୃତି ବିଭିନ୍ନ ଉର୍ନ୍ନୟନ ମୂଳକ କାର୍ଯ୍ୟ କରୁଥିବା ବେଳେ କେତେକ ଉଦଭ୍ରାନ୍ତ ବ୍ୟକ୍ତି ମାନେ ପେଭର ପ୍ଲେଟ ପଡ଼ିଥିବା ସ୍ଥାନକୁ କଭର କରି ତା'ଉପରେ ସ୍ଥାୟୀ, ଅସ୍ଥାୟୀ ଦୋକାନ ମାନ ଖୋଲି ଉକ୍ତ ସ୍ଥାନକୁ ଆବର୍ଜନା କରୁଛନ୍ତି। ଜଳଖିଆ, ଚା ଦୋକାନୀ ମାନେ ସେହି ପେଭର ପ୍ଲେଟ ଉପରେ ଗ୍ରାହକ ମାନଙ୍କ ଲାଗି ବସିବାର ବ୍ୟବସ୍ଥା କରି ଉକ୍ତ ସ୍ଥାନକୁ ଗୁଳୀ ଖଟି କରିବାର କେନ୍ଦ୍ର କରିଛନ୍ତି। ସେହିଭଳି ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ନିର୍ମିତ କରିଥିବା ମିନି ଜିମ ମାନଙ୍କରେ ଜିମ ଉଦେଶ୍ୟରେ ନିର୍ମିତ ଜିମ ଉପରେ ବସି ଚା, ସିଗାରେଟ, ସେବନ କରିବା, ଦୋହଲି ଦୋହଲି ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖି ଦେଖି ଉକ୍ତ ସ୍ଥାନରେ ବସି ସମୟ କଟଉଛନ୍ତି.ଏବଂ ସେହି ସ୍ଥାନ ମାନଙ୍କରେ ଘଣ୍ଟା ଘଣ୍ଟା ଧରି ସାଙ୍ଗ ମାନଙ୍କ ସହିତ ଚା, ପାନ, ଗୁଟଖା, ସିଗାରେଟ ସେବନ କରି ସେହି ସ୍ଥାନରେ ଚା କପ, ପାନ ଗୁଟଖା ଛେପ, ଗୁଟଖା ଜରି, ସିଗାରେଟ ଖଣ୍ଡ, ଦିଆସିଲ କାଠି ପ୍ରଭୃତି ପକାଇ ଅପରିଷ୍କାର କରୁଛନ୍ତି। ତେଣୁ ମିନି ଜିମ, ମିନି ପାର୍କ, ଓ ପେଭର ପ୍ଲେଟ ପକାଯାଉଥିବା ସ୍ଥାନ ଗୁଡିକ ର ସୁରକ୍ଷା ଉପରେ ଦୃଷ୍ଟି ଦେବାକୁ ଦୃଢ ଦାବିହୋଇଛି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ–୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୧୯।୧୨।୨୦୨୫, ପୌଷ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ– ଘ୬।୧୫।୫୦ ଚନ୍ଦ୍ରୋଦୟ–ନାସ୍ତି**

**ଅମାବାସ୍ୟା–** ଅହୋରାତ୍ର। **ଜ୍ୟେଷ୍ଠାନକ୍ଷତ୍ର ଓ ବିଛା ଚନ୍ଦ୍ର–** ରାଘ ୧୦/୫୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି–** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭରାଶିର ରାଘ ୧୦/୫୦ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର।**ଘାତ ଚନ୍ଦ୍ର–**ରାଘ ୧୦/୫୦ ଗତେ ତୁଳା ଓ କୁମ୍ଭ ରାଶିର। । **ଶ୍ରାଦ୍ଧନିର୍ଣ୍ଣୟ–** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ–** ଆମିଷ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୬।୧୯ ଗତେ ଘ ୭/୩ ମଧ୍ୟେ । ଦିଘ ୧୨/୦୫ ଗତେ ଘ ୯/୦୧ ମଧ୍ୟେ ।

ପର୍ବୋତ୍ସବ–ବକୁଳ ଅମାବାସ୍ୟା, ନଷ୍ଟଚନ୍ଦ୍ରୋପବାସ ଅମାବାସ୍ୟାର ନିଶାପାଳନ, ଶ୍ରୀ ଯଜ୍ଞ ବରାହ ଜନ୍ମୋତ୍ସବ।

**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ। ହେଲେ କ୍ଷତିରେ ପଡ଼ିବେନାହିଁ। ଦେହ ଭଲ ରହିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ।

**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ। ଯାନବାହାନ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ପ୍ରବାସୀ ଜୀବନ ଅତିବାହିତ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ଲାଭ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ଲାଭ ମିଳିବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଆଶ୍ୱସ୍ତି ଲାଭ। ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ।

**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ। ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ। ରୋଜଗାରର ପରିମାଣ ବଢ଼ିବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା।

**ସିଂହ:** ଆପଣ ଯଶସ୍ୱୀ ହେବେ। ଅଟକି ରହିଥିବା କାମଟି ପୂରଣ ହେବ। ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ। ଗୃହେ ସୁଖ ଶାନ୍ତି ଲାଭ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।

**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ। ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ। କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ।

**ତୁଳା:** ପରୋପକାରୀ ହେବେ। ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ଶରୀର ସୁସ୍ଥ ରହିବ।

**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ। ବନ୍ଧୁମାନେ ସହଯୋଗ କରିବେ। ଭ୍ରମଣ ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହରେ ଶାନ୍ତି ଲାଭ।

**ଧନୁ:** ଯାନବାହାନ କ୍ରୟ କରିବେ। କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ। ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ।

**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଆୟ ବୃଦ୍ଧି ଘଟିବ। ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ। ଚଞ୍ଚଳମନା ହେବେ। ପରିବାରରେ କଳହ। ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ତ୍ୟାଗଶୀଳ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।

**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ପରିବାରରୁ ସାହାଯ୍ୟ ସହଯୋଗ ମିଳିବ। ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ–୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୦।୧୨।୨୦୨୫, ପୌଷ ଦି୫ନ, ଶନିବାର**

**ସୂର୍ଯ୍ୟୋଦୟ– ଘ୬।୧୬।୨୨ ଚନ୍ଦ୍ରୋଦୟ–ସଂଘ ୫/୨୦/୨୨ ସେକେଣ୍ଡ**

**ଅମାବାସ୍ୟା ମଳ–** ପ୍ରାଘ ୭/୧୩ ପର୍ଯ୍ୟନ୍ତ। **ମୂଳନକ୍ଷତ୍ର–** ରାଘ ୧/୨୧ ପର୍ଯ୍ୟନ୍ତ। **ଧନୁଚନ୍ଦ୍ର–** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି–**ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର–**ତୁଳା ଓ କୁମ୍ଭ ରାଶିର। । **ଶ୍ରାଦ୍ଧନିର୍ଣ୍ଣୟ–** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ–** ଆମିଷ ପ୍ରାଘ ୭/୧୩ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୭।୪୬ ଗତେ ଘ ୯/୦୨ ମଧ୍ୟେ । ଦିଘ ୧୨/୦୬ ଗତେ ଘ ୨/୫୮ ମଧ୍ୟେ ।

ପ୍ରଜାତନ୍ତ୍ର
31 YEARS
ସମ୍ବାଦ କଳିକା

## ଯୁଗ ସହ ତାଳଦେଇ ବଦଳୁଛି ବିଚାର, ବିଚ୍ଛେଦ ପରେ ପୁନର୍ବିବାହ ଲାଗି ପ୍ରସ୍ତୁତ

ଆରେଞ୍ଜ ମ୍ୟାରେଜର ସଂଜ୍ଞା ବଦଳିବାକୁ ଲାଗିଛି ବର୍ତ୍ତମାନ। ଧୀରେ ଧୀରେ ଧାର୍ମିକ ତଥା ପାରମ୍ପରିକ ବିଧିବିଧାନର ସହ ଈଶ୍ୱରଙ୍କୁ ସାକ୍ଷୀ ରଖି ବିବାହ କରୁଥିବା ଦମ୍ପତି ସାଥୀ ହୋଇ ଖୁସିରେ ଜୀବନ ବିତାଇବାକୁ ପରସ୍ପରକୁ ପ୍ରତିଶ୍ରୁତି ଦେଇଥାନ୍ତି । କିନ୍ତୁ ବାସ୍ତବରେ ସେମାନେ ସର୍ବଦା ଖୁସିରେ ରହିପାରନ୍ତି ନାହିଁ । କିଛି ଦମ୍ପତିଙ୍କ ସମ୍ପର୍କ ଭାଙ୍ଗିଯାଏ ଏବଂ ବିଭିନ୍ନ କାରଣ ପାଇଁ ସେମାନେ ପରସ୍ପରଠୁ ଅଲଗା ହେବାକୁ ନିଷ୍ପତ୍ତି ନିଅନ୍ତି । ବିବାହ ବିଚ୍ଛେଦ ଆଜି ବି ଏକ ସାମାଜିକ କଳଙ୍କହୋଇ ରହିଛି । ପୁଣି ଥରେ ଭଲପାଇବା ଏବଂ ପୁନର୍ବିବାହ ଏବେ ବି ସମାଲୋଚନାର କେନ୍ଦ୍ରବିନ୍ଦୁ ହେଉଛି ।

ତେବେ ଏ ନେଇ ଏବେ ଲୋକଙ୍କ ବିଚାର ବଦଳୁଛି । ଦୁଃଖୀ ବୈବାହିକ ସମ୍ପର୍କ ଅପେକ୍ଷା ବିଚ୍ଛେଦ ଭଲ ଓ ସ୍ୱାସ୍ଥ୍ୟପ୍ରଦ ବୋଲି ଅନେକ ଦମ୍ପତି ଗ୍ରହଣ କରୁଛନ୍ତି । ଛାଡ଼ପତ୍ର ନେଇଥିବା, ଅଲଗା ରହୁଥିବା ଏବଂ ବିଧବାଙ୍କ ବିବାହ ପାଇଁ ଯୋଡ଼ି ଖୋଜୁଥିବା ଆପ୍ 'ରିବାଉଣ୍ଡ୍' ଏ ନେଇ ଏକ ସର୍ଭେ କରିଛି । ଏଥିରୁ ପୁନର୍ବିବାହ ପ୍ରତି ଲୋକଙ୍କ ମନୋଭାବ ଏବେ ବଦଳୁଛି ବୋଲି ଆପ୍ ଦର୍ଶାଇଛି । ସର୍ଭେରେ ଅଂଶଗ୍ରହଣ କରିଥିବା ଲୋକଙ୍କ ମଧ୍ୟରୁ ୨୮ ପ୍ରତିଶତ କହିଛନ୍ତି, ଛାଡ଼ପତ୍ର ପରେ ପୁଣିଥରେ ଜୀବନ ଆରମ୍ଭ କରିବାକୁ ସେମାନେ ପ୍ରସ୍ତୁତ । ପୂର୍ବର ବିବାହ ସେମାନଙ୍କ ଜୀବନର ପରିଚୟ ହେଉବୋଲି ସେମାନେ ଚାହାନ୍ତି ନାହିଁ । ଉଲ୍ଲେଖଯୋଗ୍ୟ,ମହିଳା ଏହି ପରିବର୍ତ୍ତନର ମଙ୍ଗୁଆଳ ହୋଇଛନ୍ତି । ଗତ ନଭେମ୍ବର ମଧ୍ୟଭାଗରୁ ଚଳିତ ଡିସେମ୍ବର ମଧ୍ୟଭାଗ ମଧ୍ୟରେ ପରିଚାଳିତ ଏହି ସର୍ଭେରେ ପୂର୍ବରୁ ବିବାହିତ ୫,୮୩୭ ଜଣ ସାମିଲ ହୋଇଥିଲେ । ସେମାନେ ଅନ୍ୟମାନଙ୍କୁ ଡେଟ୍ କରୁଥିଲେ । ଅଂଶଗ୍ରହଣକାରୀଙ୍କ ବୟସ ୨୮-୫୦ବର୍ଷ ମଧ୍ୟରେ ଥିଲା । ମେଟ୍ରୋଠୁ ଆରମ୍ଭ କରି ଛୋଟସହରର ଲୋକେ ଏଥିରେ ସାମିଲ ଥିଲେ । ସର୍ଭେ ଅନୁସାରେ, ବିବାହ ବିଚ୍ଛେଦ ହୋଇଥିବା ଦେଶର ମେଟ୍ରୋ ସହରରେ ରହୁଥିବା ୩୫ ପ୍ରତିଶତରୁ ଅଧିକ ମହିଳା ପୁଣି ଥରେ ଜୀବନଆରମ୍ଭ କରିବା ଲାଗି ଯୋଡ଼ି ଖୋଜୁଥିବା ଆପ୍ଗୁଡ଼ିକର ସାହାଯ୍ୟ ନେଉଛନ୍ତି । ଏ ନେଇ ସେମାନେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ପୁରୁଷଙ୍କ ତୁଳନାରେ ପୁନର୍ବିବାହ ସମୟରେ ନିଜ ଆଶା-ପ୍ରତ୍ୟାଶା ବିଷୟରେ ଭାବନାତ୍ମକ ରୂପେ ସେମାନେ ଅଧିକ ସ୍ୱଚ୍ଛ ।
ରିବାଉନ୍ଡର ପ୍ରତିଷ୍ଠାତା ଓ ସିଇଓ ରବି ମିତ୍ତଲ କହିଛନ୍ତି, ଭାରତରେ ପୁନର୍ବିବାହକୁ ଏକ ବୁଝାମଣାରୂପେ ଦେଖାଯାଉଥିଲା । କିନ୍ତୁ ବର୍ତ୍ତମାନ ଏଥିରେ ଯେଉଁ ପରିବର୍ତ୍ତନ ହେଉଛି, ତାହା ଆଖି ଖୋଲିଦେଇଛି । ପୁନର୍ବିବାହକୁ କଦାପି ପରିଣତ ବୟସରସାଥୀ ଖୋଜିବା କିମ୍ବା ଏକ ନୂଆ ଜୀବନର ଶୁଭାରମ୍ଭଭାବେ ଦେଖାଯାଉନଥିଲା । ଏବେ କିନ୍ତୁ ଏହି ବିଚାରବଦଳୁଛି- ଅଧିକ ସ୍ୱାସ୍ଥ୍ୟକର, ଶାନ୍ତିପୂର୍ଣ୍ଣ ଓ ଅନୁକୂଳହୋଇଛି । ସର୍ଭେରୁ ଜଣାପଡ଼ିଲା, ଛାଡ଼ପତ୍ର ନେଇଥିବା ଓ ଅଲଗା ରହୁଥିବା ୩୦-୪୦ ବର୍ଷୀୟ ପୁରୁଷଙ୍କ ବିଚାରଧାରା କିନ୍ତୁ ଭିନ୍ନ । ସେମାନେ କେବଳ ସମାଜରେ ଲୋକଙ୍କ ବିଚାର ଓ ପ୍ରତ୍ୟାଖ୍ୟାନକୁ ଭୟ କରୁନାହାନ୍ତି, ପୁରୁଣା ସମ୍ପର୍କର ପୁନରାବୃତ୍ତିକୁନେଇ ମଧ୍ୟ ଭୟଭୀତ। ପୁନର୍ବିବାହ ପାଇଁ ପ୍ରସ୍ତୁତ ୫ରେ ୩ ପୁରୁଷ ନୂଆ ସମ୍ପର୍କ ପ୍ରତି ପ୍ରତିଶ୍ରୁତିବଦ୍ଧହେବା ପୂର୍ବରୁ ଭାବନାତ୍ମକ ଦିଗ ଓ ନିଜ ଲକ୍ଷ୍ୟବିଷୟରେ ଆଲୋଚନା ଉପରେ ଗୁରୁତ୍ୱ ଦେଉଛନ୍ତି । ୨୧ ପ୍ରତିଶତ ପୁରୁଷ ସ୍ୱୀକାର କରିଛନ୍ତି ଯେ ପ୍ରଥମବିବାହ ବିଫଳ ହେବା ପରେ ସେମାନେ ସେହିଭୟଙ୍କର ସ୍ଥିତି ସହିତ ସଂଘର୍ଷ କରୁଛନ୍ତି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୮)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପାଠକବନ୍ଧୁମାନଙ୍କୁ ଏଠାରେ ସୂଚାଇ ଦେବାକୁ ଚାହୁଁଛୁ କୁଜଙ୍ଗ ଗଡରେ ବିଶର ମହାନ୍ତି ଶ୍ରୀଜଗନ୍ନାଥଙ୍କ ବ୍ରହ୍ମମଣୀଙ୍କୁ ପଖଜ ଖୋଳ ଭିତରେ ପୁରାଇ ଅତ୍ୟନ୍ତ ସୁରକ୍ଷିତ ଭାବେ ରଖିଥିବାର ତଥ୍ୟକୁ ପ୍ରାୟ ଅଧିକାଂଶ ଐତିହାସିକ ସ୍ୱୀକୃତି ଦେଇଛନ୍ତି। କିନ୍ତୁ କୁଜଙ୍ଗ ଗଡରୁ ଜଗନ୍ନାଥଙ୍କୁ ନେଇ ଓ ତାଙ୍କୁ ନବକଳେବର କରାଇ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରାଇବାର ଅବଧିର ସ୍ଥିରତା ସମ୍ପର୍କରେ ବହୁ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ଇତିହାସରୁ ଉପଲବଧ ହେଉଛି । ଦ୍ୱନ୍ଦ୍ୱ ଯେଉଁଠି ସୃଷ୍ଟି ହେଉଛି ତାହା ନିମ୍ନରେ ଉଲ୍ଲେଖ କରୁଛୁ । କୁଜଙ୍ଗ ସାଂସ୍କୃତିକ ମହୋତ୍ସବ ୨୦୨୨ର ଆନୁକୂଲ୍ୟରେ ପ୍ରକାଶ ପାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପତ୍ରିକା 'କୁଞ୍ଜ କଳିକା ' ରେ ସ୍ଥାନ ପାଇଛି 'ନିର୍ବାସନରେ ଜଗନ୍ନାଥ' ଏଥିରେ କୁଜଙ୍ଗ ଇତିହାସର ତଥ୍ୟକୁ ଭିନ୍ନ ଭାବରେ ପ୍ରଦର୍ଶନ କରାଯାଇଛି । ତାହା ଏହିପରି ୧୯୫୯ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ସିଂହାସନ ଅଳଙ୍କୃତ କରିଥିବା ଗୋବିନ୍ଦ ବିଦ୍ୟାଧରଙ୍କ ପୁତ୍ର ରାମଚନ୍ଦ୍ର ମହାପାତ୍ର ଗଜପତି ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଦକ୍ଷିଣ ଓଡ଼ିଶାର ସୀମାନ୍ତ ରାଜାମାନଙ୍କ ସହାୟତାରେ ୧୫୭୨ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ରାଜ୍ୟ ଗଠନ କଲେ । ଏହି ସମୟରେ ଓଡ଼ିଶାର ପାରମ୍ପରିକ ରାଜଗୁରୁ ବଂଶ ରାମଚନ୍ଦ୍ରଙ୍କୁ ଗଜପତି ରାଜାଙ୍କର ଉତ୍ତରାଧିକାରୀ ଭାବେ ସ୍ୱୀକୃତି ପ୍ରଦାନ କଲେ ଏବଂ ସେହି ଦିନଠାରୁ ସେ ଗଜପତି ରାମଚନ୍ଦ୍ର ଦେବ ଭାବରେ ଗଣିତ ହେଲେ। ଓଡ଼ିଶାରେ ଭୋଇ ବଂଶର ପ୍ରତିଷ୍ଠାତା ଥିଲେ । ସେହି ଗଜପତି ରାମଚନ୍ଦ୍ର ଦେବ ନିଜର ସ୍ଥିତି ଦୃଢ଼ିଭୂତ କରିସାରିବା ପରେ ଶ୍ରୀମନ୍ଦିରର ଐତିହ୍ୟ ଫେରାଇ ଆଣିବା ପାଇଁ ସଙ୍କଳ୍ପବଦ୍ଧ ହେଲେ। ଶ୍ରୀ ମନ୍ଦିରର ଯଥା ଶୁଚି ପବିତ୍ରକରଣ କରାଯାଇ ଦାରୁ ବ୍ରହ୍ମଙ୍କର ଅନୁସନ୍ଧାନ କରାଗଲା । କିମ୍ବଦନ୍ତି କହେ ଗଜପତି ରାମଚନ୍ଦ୍ର



ଦେବ ସ୍ୱପ୍ନରେ ଆଦେଶ ପାଇଲେ ଯେ, ବ୍ରହ୍ମ କୁଜଙ୍ଗଗଡରେ ସ୍ଥାପିତ ହୋଇଛନ୍ତି । ତେଣୁ ଗଜପତିଙ୍କ ନିର୍ଦ୍ଦେଶ ଅନୁସାରେ କୁଜଙ୍ଗଗଡରୁ ବ୍ରହ୍ମ ଅଣାଯାଇ ୧୫୭୫ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାଗଡରେ ରଖାଗଲା ।

ତା'ପର ବର୍ଷ ଅର୍ଥାତ ୧୫୭୬ ଖ୍ରୀଷ୍ଟାବ୍ଦରେ ନୂତନ ମୂର୍ତ୍ତି ଗଠନ କରାଯାଇ ସେହି ବର୍ଷ ଜୁଲାଇ ୧୭ ଓ ୧୮ ଦିନ ଶ୍ରାବଣ ଶୁକ୍ଳ ନବମୀ ପୁରୀ ଶ୍ରୀମନ୍ଦିରରେ ବ୍ରହ୍ମ ପୁନଃ ସ୍ଥାପନ କରାଗଲା । ଓଡ଼ିଆ ଜାତିର ଚିରବନ୍ଦିତ କୁଞ୍ଜ ବିହାରୀ ପୁଣି ଶ୍ରୀ ଜଗନ୍ନାଥଙ୍କ କଳେବର ଧାରଣ କଲେ । ମହାସମାରୋହରେ ଏହି ଉତ୍ସବଟିକୁ ପାଳନ କରାଗଲା । ଦୀର୍ଘ ୭ ବର୍ଷ ଧରି ବନ୍ଦ ରହିଥିବା ରଥଯାତ୍ରା ୧୫୭୬ ଠାରୁ ହିଁ ଉତ୍ସାହ ଉଦ୍ଦୀପନା ସହିତ ଆରମ୍ଭ କରାଗଲା । ଏଣୁ ରାମଚନ୍ଦ୍ର ଦେବଙ୍କୁ ଅଭିନ୍ନ ଇନ୍ଦ୍ରଦ୍ୟୁମ୍ନ ଭାବରେ ଅଭିହିତ କରାଯାଇଥାଏ। 'ଚକଡା ପୋଥିର' ବିବରଣ ଅନୁସାରେ ରାତିରେ ରାଜାଙ୍କୁ ସ୍ୱପ୍ନରେ ଆଜ୍ଞା ହେଲା ଯେ, ଆମ୍ଭେ କୁଜଙ୍ଗ ଠାରେ ବିଜେ କରି ରହିଅଛୁ। ସେ ଶାଳ ଆଇକୁ ତୁ ନୂଆ କରି ଦାରୁବ୍ରହ୍ମ ମୂର୍ତ୍ତି କରିବୁ। ମହା ଅଣସରରେ ବାଲିନୃସିଂହଠାରୁ ଆମ୍ଭକୁ ବିଜେ କରାଇବ । ଏହା କହିବାକୁ ରାଜା ବଡ ପଦ୍ମନାଭ ପଟ୍ଟନାୟକଙ୍କୁ ଆଜ୍ଞା ଦେଲେ । ତୁମେ ଯାଇ କୁଜଙ୍ଗଠାରୁ ମହାପ୍ରଭୁଙ୍କୁ ଆଣିଲେ।

ଏହା ହେଲା ଚକଡା ପୋଥିରେ ଥିବା ବିବରଣୀ ଯାହାକି ଜଣେ ଐତିହାସିକ 'କୁଞ୍ଜ କଳିକା' ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏହି ପୁସ୍ତକରେ ଆଉ ଏକ ଐତିହାସିକ ପ୍ରସଙ୍ଗ ନଜରକୁ ଆସିଛି । ତାହାକୁ ଏଠାରେ ପ୍ରକାଶ କଲୁ । କୁଜଙ୍ଗଗଡରୁ ପୁରୀ ଶ୍ରୀମନ୍ଦିରକୁ ବ୍ରହ୍ମ ଅଣାଯିବା ପରେ କୁଜଙ୍ଗ ଷଣ୍ଢ ରାଜା ଦୁଃଖ ଓ ଅନୁଶୋଚନାରେ ଭାଙ୍ଗିପଡିଲେ। କିମ୍ବଦନ୍ତୀ କହେ ଗଜପତି ମହାରାଜାଙ୍କ ଆଦେଶକ୍ରମେ କେବଳ ଦେବୀ ସୁଭଦ୍ରା କୁଜଙ୍ଗରେ ସ୍ଥାପିତ ହେଲେ । କୁଜଙ୍ଗ ସୁଭଦ୍ରା କ୍ଷେତ୍ର ବା ପୀଠ ଭାବରେ ଘୋଷିତ ହେଲା । ଏହି ପରିପ୍ରେକ୍ଷୀରେ ଆଉ ଏକ ତଥ୍ୟହେଲା ଶ୍ରୀଗୁଣ୍ଡିଚା ପରଦିନ ଅର୍ଥାତ ଶୁକ୍ଳ ଦ୍ୱିତୀୟା ତିଥିରେ କୁଜଙ୍ଗଗଡରେ କୁଞ୍ଜ ବିହାରୀଙ୍କ ରଥଯାତ୍ରା ପାଳିତ ହୋଇଥାଏ। କିନ୍ତୁ ଅନ୍ୟାନ୍ୟ ଯାତ୍ରା ଓ ପର୍ବପର୍ବାଣୀଗୁଡିକ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ। ଏହି ବାସି ରଥ ପ୍ରଥା ସମ୍ପର୍କରେ ଏକ ସୁନ୍ଦର ଲୋକକଥା ରହିଛି । ଷଣ୍ଢ ରାଜାଙ୍କୁ ସନ୍ତୁଷ୍ଟ କରିବାପାଇଁ ଶ୍ରୀକ୍ଷେତ୍ରରୁ ରଥଯାତ୍ରା ଶେଷ କରି ତା ପରଦିନ କୁଜଙ୍ଗ ଗଡ ଆସନ୍ତି ଏବଂ ଏଠାରେ ବାସି ରଥରେ ଯାତ୍ରା କରନ୍ତି । ୧୫୭୫ ଖ୍ରୀଷ୍ଟାବ୍ଦରୁ ହିଁ ଏଠାରେ ଶ୍ରୀଗୁଣ୍ଡିଚା ପରଦିନ ରଥଯାତ୍ରା ହୋଇଆସୁଛି । କିନ୍ତୁ ତାହାର ପୂର୍ବବର୍ତ୍ତି ୭ ବର୍ଷ (୧୫୬୮-୧୫୭୬) ଏଠି ଶ୍ରୀଗୁଣ୍ଡିଚା ଦିନ ହିଁ ରଥଯାତ୍ରା ହେଉଥିଲା। ଉପରୋକ୍ତ ତଥ୍ୟ ଗୁଡିକ କେତେକ ଐତିହାସିକ ଛିନ୍ନ ପୃଷ୍ଠାରୁ ଉଦ୍ଧାର କରାଯାଇଥିଲେବି ଅର୍ଦ୍ଧାଧିକ କ୍ଷେତ୍ରରେ ସଠିକ ଅନୁସନ୍ଧାନ କରାଯାଇନଥିବା ପରି ମନେ ହୁଏ । ଏଥିପାଇଁ ଅନେକ ଆବିଷ୍କାର ଉଦ୍ଦେଶ୍ୟରେ ରହିଥିଲେ ମଧ୍ୟ ତାହାକୁ ଅନୁସନ୍ଧାନ କରାଯାଇନାହିଁ । ଏଠାରେ ସ୍ପଷ୍ଟ କରିଦେବା ଉଚିତ କୁଜଙ୍ଗଗଡରୁ ୧୫୮୮ ମସିହାରେ ଖୋର୍ଦ୍ଧାର ରାଜା ପ୍ରଥମ ରାମଚନ୍ଦ୍ର ଦେବ ବ୍ରହ୍ମମଣିଗୁଡିକ ନେଇ ଖୋର୍ଦ୍ଧା ଅଭିମୁଖେ ଅଗ୍ରସର ହେଲେ ଏବଂ ବ୍ରହ୍ମ ମଣିଗୁଡିକର ନବକଳେବର କରାଇ ଶ୍ରୀମନ୍ଦିରରେ ପ୍ରବେଶ କରାଇଥିଲେ । ଦୀର୍ଘ ୨୦ ବର୍ଷକାଳ ଶ୍ରୀମନ୍ଦିରର ରତ୍ନ ସିଂହାସନ ଶୂନ୍ୟ ରହିଥିଲା । (କ୍ରମଶଃ .... )

# ବଉଳ ଅମାବାସ୍ୟା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ପୌଷମାସର ଅମାବାସ୍ୟା ବଉଳ ଅମାବାସ୍ୟା ନାମରେ ପରିଚିତ। ଏହାର ଅନ୍ୟନାମ ବକୁଳ ଅମାବାସ୍ୟା। ଆମ୍ବ ବଉଳର ମହ ମହ ବାସ୍ନା ବସନ୍ତରେ ମନ୍ତ୍ରମୁଗ୍ଧ କରେ ହୃଦୟକୁ। ଏହା ପୂର୍ବରୁ ଅମ୍ବ ବଉଳର ପୂଜନ ଆମ ପରମ୍ପରାର ଏକ ଅନନ୍ୟ ବ୍ୟବସ୍ଥା। ଆମ୍ବ ଏକ ପବିତ୍ର ବୃକ୍ଷ ଏହା ଦେବ ବୃକ୍ଷ ନାମରେ କଥିତ । ହିନ୍ଦୁ ଧର୍ମଶାସ୍ତ୍ରରେ ବୃକ୍ଷ ପୂଜନ ପରମ୍ପରା ଅତି ପ୍ରାଚୀନ। ତୁଳସୀ, ଅଁଳା, ବେଲ, ବର, ଅଶ୍ୱସ୍ତ ପ୍ରଭୃତି ବୃକ୍ଷର ଧାର୍ମିକ ମହତ୍ତ୍ୱ ଓ ବୈଜ୍ଞାନିକ ଗୁଣବତ୍ତା କାହାକୁ ଅଜଣା ନାହିଁ । ତେଣୁ ଏହି କ୍ରମରେ ଆମ୍ବ ବୃକ୍ଷର ଯଥେଷ୍ଟ ଗୁରୁତ୍ୱ ଆମ ଧାର୍ମିକ ଆସ୍ଥା ଓ ସାମାଜିକ ବ୍ୟବସ୍ଥାରେ ରହୁଛି। ଆମ୍ରବୃକ୍ଷର ବଉଳ, ଫଳ, ଡାଳ ପ୍ରତ୍ୟେକଟି ଆମ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ଅପରିହାର୍ଯ୍ୟ । ପର୍ବ, ପର୍ବାଣୀ, ଓଷା, ବ୍ରତ, ଉପାସନା, ଆରାଧନା ପ୍ରଭୃତି ଧାର୍ମିକ ଓ ମାଙ୍ଗଳିକ କାର୍ଯ୍ୟରେ ପୂର୍ଣ୍ଣକୁମ୍ଭ ଉପରେ ଆମ୍ବଡାଳ ଉପରେ ପଇଡ କିମ୍ବା ନଡିଆ ସ୍ଥାପନ କରାଯାଏ । ମେଳା, ମହୋତ୍ସବ, ଧାର୍ମିକ ଅନୁଷ୍ଠାନ ମାନଙ୍କରେ ଅତିଥିମାନଙ୍କୁ ସ୍ୱାଗତ କରିବା ନିମନ୍ତେ ଆମ୍ବଡାଳର ସୁସଜ୍ଜିତ ତୋରଣ ନିର୍ମାଣ କରାଯାଏ । ଆମ୍ବଡାଳ ଶୁଭର ପ୍ରତୀକ ଓ ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର ହୁଏ। ଆମ୍ବଡାଳକୁ ଆଧାର କରି ଅନେକ ଓଡିଆ ଗୀତ ରଚିତ । ସେମାନଙ୍କ ମଧ୍ୟରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରେ ଏକ ସୁନ୍ଦର ପଲ୍ଲୀ ଗୀତ ଯାହା ଅଧିକ ଜନାଦୃତ । ସେହି ଗୀତଟି-

କଳସ ଉପରେ ଆମ୍ବ ଡାଳିଆ
ଗୋରି କନିଆକୁ ବର କାଳିଆ
ସାହି ଝିଅମାନେ ଆଖି ଠରାଠରି
କେରାଣ୍ଡି ପକାଇ ନେଲା ବାଳିଆ

ଆମ୍ବ ଏକ ପବିତ୍ର ବୃକ୍ଷ । ଏହା ବିଭିନ୍ନ ଧର୍ମଗ୍ରନ୍ଥମାନଙ୍କରେ ଉଲ୍ଲେଖ ଅଛି । ବଉଳ ଅମାବାସ୍ୟାର ଆଭିମୁଖ୍ୟ ଆମ୍ବଗଛକୁ ପୂଜା କରିବା ଯାହା ଅଧିକ ଫଳ ପ୍ରଦାନ କରିବ । ଦୋଳଯାତ୍ରା ଅବସରରେ ଦୋଳ ଗୋବିନ୍ଦଙ୍କୁ ଦୋଳମଣ୍ଡପରେ ଆମ୍ବଡାଳ, ଲସିଲଗା କଷି ଆମ୍ବ ଅର୍ପଣ କରାଯାଏ । ସ୍ୱାଦିଷ୍ଟ ଫଳ ଆମ୍ବ । ଗ୍ରୀଷ୍ମ ଋତୁରେ ଏହାର ଯଥେଷ୍ଟ ଆଦର । ଖାଦ୍ୟ ସାମଗ୍ରୀ ମଧ୍ୟରେ ଆମ୍ବର ସ୍ଥାନ ନିଆରା । ଏହି ଫଳକୁ କଞ୍ଚା, ପାଚିଲା, ପଣା, ଚଟଣି, ଖଟା, ଆଚାର, ଆମ୍ବସଢା ଆଦି ବିଭିନ୍ନ ପ୍ରକାରରେ ବ୍ୟବହାର କରାଯାଏ । ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ-ଭିନ୍ନ କିସମ ଓ ଜାତିର ଆମ୍ବ ଦେଖାଯାଏ । ଆମ୍ବର ଅନ୍ୟନାମ ଆମ୍ର, ଚୂତ, ସରକାର ଓ ରସାଳ ପ୍ରଭୃତି । ତଥ୍ୟରୁ ଜଣାଯାଏ ୪୦୦୦ବର୍ଷରୁ ଅଧିକ ସମୟ ଧରି ଭାରତୀୟମାନେ ଆମ୍ବଚାଷ କରି ଆସୁଥିବା ବେଳେ ପାଶ୍ଚାତ୍ୟ ଦେଶରେ ଆମ୍ବଚାଷ ୪୦୦ବର୍ଷର ପୁରୁଣା । ବୈଦିକ ସାହିତ୍ୟ, ବୁଦ୍ଧ ସାହିତ୍ୟ, ଜୈନ ସାହିତ୍ୟ, ଅଶୋକଙ୍କ ଶିଳାଲେଖ, ଚୀନ ପରିବ୍ରାଜକ ହୁଏନସାଙ୍ଗ ଭ୍ରମଣ ବୃତ୍ତାନ୍ତରେ ଆମ୍ବର ବର୍ଣ୍ଣନା ରହିଛି । ଆମ୍ବକୁ ନେଇ ବିଭିନ୍ନ ସାହିତ୍ୟରେ ଅନେକ କାହାଣୀ, ଉପ କାହାଣୀ, ଲୋକକଥା, କିମ୍ବଦନ୍ତୀ ଓ ଆଲେଖ୍ୟମାନ ରହିଛି । ବୃହଦାରଣ୍ୟକ ଉପନିଷେଦ ଓ ପୁରାଣମାନଙ୍କରେ ଆମ୍ବଗଛ ଛେଦନକୁ ନିଷେଧ କରାଯାଇଅଛି । ମହାଭାରତରେ ସତ୍ୟଆମ୍ବ ଉପାଖ୍ୟାନ ଅତ୍ୟନ୍ତ ଲୋକପ୍ରିୟ । ଭାରତରେ ପ୍ରଥମ ଔପନିବେଶିକ ବ୍ୟବସାୟୀ ପର୍ତ୍ତୁଗୀଜମାନେ ଭାରତୀୟ ଆମ୍ବକୁ ଆଫ୍ରିକା, ବ୍ରାଜିଲ ଓ ବିଶ୍ୱର ବିଭିନ୍ନ ସ୍ଥାନକୁ ରପ୍ତାନି କରିଥିଲେ । ଯାହାଫଳରେ ଭାରତୀୟ ଆମ୍ବର ଗୁଣବତ୍ତା ବିଶ୍ୱ ସ୍ତରୀୟ ସ୍ୱୀକୃତ ମିଳିଲା। ବିଶ୍ୱବଜାରରେ ଭାରତୀୟ ଆମ୍ବର ଚାହିଦା ଓ ଆଦର ବୃଦ୍ଧି ପାଇଲା। ଭାରତ, ପାକିସ୍ଥାନ ଓ ଫିଲିପାଇନ୍ସରେ ଆମ୍ବକୁ ଜାତୀୟ ଫଳ ଓ ବାଙ୍ଗଲାଦେଶରେ ଆମ୍ବକୁ ଜାତୀୟ ବୃକ୍ଷର ମାନ୍ୟତା ଦିଆଯାଇଅଛି । ଭାରତ ବିଶ୍ୱରେ ସର୍ବବୃହତ ଆମ୍ବଉତ୍ପାଦନକାରୀ ଦେଶ । ଭାରତରେ ୧୮ନିୟୁତ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ । ଗାନ୍ଧିଜୀଙ୍କର ଅତି ପ୍ରିୟ ଫଳ ଆମ୍ବ । ରାଜନୈତିକ କାର୍ଯ୍ୟକ୍ରମ ଅବସର ବିଭିନ୍ନ ସ୍ଥାନରେ ତାଙ୍କୁ ଆମ୍ବ ଉପହାର ଦିଆଯାଉଥିଲା। ସେ ଆମ୍ବ ଖାଇସାରିବା ପରେ ଟାକୁଆକୁ ମାଟିରେ ପୋତି ଦେଉଥିଲେ ଚାରା ସୃଷ୍ଟି ହେବା ନିମନ୍ତେ । ୧୯୩୪ ମସିହା ମେ୬ ତାରିଖ ଦିନ ଗାନ୍ଧିଜୀଙ୍କର ଅନୁଗୁଳ ଗସ୍ତ ସମୟରେ ଜଣେ ହରିଜନ ବୃଦ୍ଧା ଗାନ୍ଧିଜୀଙ୍କୁ ଏକ ଆମ୍ବ ଶ୍ରଦ୍ଧାରେ ପ୍ରଦାନ କଲେ,ଏହି ଆମ୍ବକୁ ନିଲାମ କରାଯାଇ ଅର୍ଥ ମିଳିଲା । ଏହି ଅର୍ଥକୁ ହରିଜନ କଲ୍ୟାଣ ପାଣ୍ଠିକୁ ଦାନ କରାଗଲା । କବି ଓ ଲେଖକମାନେ ତାଙ୍କ ସାରସ୍ୱତ କୃତିରେ ଆମ୍ବର ପ୍ରାଧାନ୍ୟକୁ ସୁନ୍ଦର ଶୈଳିରେ ଉପସ୍ଥାପନ କରିଛନ୍ତି। ପାର୍ସୀ କବି ଅମୀର--ଆମ୍ବକୁ ନାଗଦା ଟାରିନ ମେ ହିନ୍ଦୁସ୍ଥାନ ବା ହିନ୍ଦୁସ୍ଥାନର ସବୁଠାରୁ ସୁନ୍ଦର ଫଳ ଭାବେ ବର୍ଣ୍ଣନା କରିଥିଲେ । ବିଶିଷ୍ଟ ଶାୟରୀ ରଚୟତା ମିର୍ଜାଗାଲି ଆମ୍ବର ଦୃଢ ପ୍ରଶଂସକ ଓ ଆମ୍ବ ସହିତ ତାଙ୍କର ଅନେକ କାହାଣୀ ଜଡିତ । ବିଶ୍ୱକବି ରବିନ୍ଦ୍ରନାଥ ଟାଗୋର ଆମ୍ବକୁ ଅଧିକ ଭଲ ପାଉଥିଲେ । ଆମ୍ବ ସଂପର୍କରେ ସେ ଅନେକ ପ୍ରସିଦ୍ଧ କବିତା ରଚନା କରିଥିଲେ । ସେମାନଙ୍କ ମଧ୍ୟରୁ ଅଧିକ ଲୋକପ୍ରିୟ ଆମେର ମୋଞ୍ଜୋରି । ବୃକ୍ଷପୂଜା ପରମ୍ପରାରେ ଆମ୍ବଗଛ ପୂଜା କରିବାର ପର୍ବ ବଉଳ ବା ବକୁଳ ଅମାବ୍ୟାସା । ଏହି ଅମାବ୍ୟାସା ସମୟକୁ ଶୀତର ପ୍ରକୋପ ପ୍ରାୟତଃ ଲାଗି ରହିଥାଏ । ଏହି ଅବସରରେ ଆମ୍ବ ଗଛରେ ବଉଳ ଅଙ୍କୁରିତ ହୋଇ ପ୍ରକୃତିର ଶୋଭାରାଜିକୁ ମନ୍ତ୍ରମୁଗ୍ଧ କରିଥାଏ । ବଉଳର ମହ ମହ ବାସ୍ନା ବାମୋହିତ କରିଥାଏ । ବଉଳ ଅମାବାସ୍ୟାଠାରୁ



ଆମ୍ବଗଛ ବଉଳ ଧାରଣ କରି ଫାଲଗୁନ ମାସ ବେଳକୁ ପୂର୍ଣ୍ଣକୁସୁମିତ ହୋଇଥାଏ । ଏ ପ୍ରସଙ୍ଗରେ ଭକ୍ତ କବି ମଧୁସୂଦନ ରାଓଙ୍କ ଏକ ସୁନ୍ଦର ବର୍ଣ୍ଣନା ରହିଛି ।

ଆମ୍ବ ବଉଳଇ ଫଗୁଣ ଆସେ
ଦିଗ ଚହଟଇ ତାର ସୁବାସେ

ଓଡିଆ କାବ୍ୟ, କବିତା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବଉଳର ଶବ୍ଦ ବ୍ୟବହାର ହେଉଥିବାର ଦେଖାଯାଏ। ଝିଅ, ବୋହୁ ଓ ମହିଳାମାନେ ବଉଳ ଅମାବ୍ୟାସା ଅବସରରେ ପରସ୍ପର ବଉଳ ଆଦାନ ପ୍ରଦାନ କରି ବଉଳ ବସିଥାନ୍ତି । ଆଶ୍ୱିନ ମାସର ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ ଗୀତ ଗାନ କରିଥାନ୍ତି । ପ୍ରତ୍ୟେକ ଗୀତର ପଦରେ ଫୁଲ ବଉଳ ବେଣୀ ଶବ୍ଦ ଉଚ୍ଚାରଣ କରନ୍ତି । ଗୀତା ପଟ୍ଟନାୟକ ଓ ତିରୁପତି ଦାସଙ୍କ କଣ୍ଠରେ ବଉଳକୁ ଆଧାର କରି ଏକ ଚମତ୍କାର ଗୀତ ଶୁଣିବାକୁ ମିଳେ,ଏହା ହେଲା-

ଆ ବଉଳ ବୋହୁ ବୋହୁକା
ଖେଳ ଖେଳିବା
ମିଛି ମିଛିକା ବାଡୁଅ ସୂତା
ସଜ କରିବା
ତୋର ମୋର ହେବ ଯଦି ଭେଟ
ତୁ ପିନ୍ଧିବୁ ବସନ୍ତ ପଉନି ମୁଁ ବଉଳ ପାଟ

ଜାତୀୟ ମାନ୍ୟତାପ୍ରାପ୍ତ ଓଡିଆ ଭାଷାରେ ଦୁଇଟି ଅତି ଲୋକପ୍ରିୟ ସାଂସ୍କୃତିକ ଶବ୍ଦ 'ବଉଳ ପାଟ ଓ ପାଞ୍ଚ' ବିବାହ ବେଦିରେ ବର ପିନ୍ଧିଥିବା ହଳଦିଆ ବା ନାଲିଆ ଧଡିଥିବା ଲୁଗା ଯୋଡକୁ ପାଞ୍ଚ କୁହାଯାଏ । ବ୍ରତ ବେଦିରେ ନବ ବ୍ରହ୍ମଚାରୀ ପିନ୍ଧୁଥିବା ବଉଳ ଯୋଡକୁ ମଧ୍ୟ ପଞ୍ଚ କୁହାଯାଏ । ସମ୍ଭବତଃ ଏହାର ଲମ୍ବ ପାଞ୍ଚ ହାତ ହୋଇଥିବାରୁ ଏଭଳି ନାମକରଣ କରାଯାଇଅଛି । ସେହିପରି ବିବାହ ବେଦିରେ କନ୍ୟା ପିନ୍ଧୁଥିବା ଶାଢିକୁ 'ବଉଳପାଟ' କୁହାଯାଏ । ଏହି ଶାଢିର ରଙ୍ଗ ମୁଖ୍ୟତଃ ହଳଦିଆ ହୋଇଥାଏ । ଏହା ଆମ୍ବ ବଉଳର ରଙ୍ଗ ସହିତ ସମାନତା ଥିବାରୁ ସମ୍ଭବତଃ ବଉଳ ପାଟ ନାମକରଣ କରାଯାଇଅଛି । ବଉଳ ଅମାବାସ୍ୟାରେ କୌଣସି ଦେବା ଦେବୀଙ୍କର ପୂଜା କରିବାର ବିଧି ବ୍ୟବସ୍ଥା ନାହିଁ । କେବଳ ଆମ୍ବଗଛ ଓ ବଉଳକୁ ପୂଜା କରାଯାଏ । ବଉଳକୁ ପୂଜା କରି ଅଧିକ ଫଳ ନିମନ୍ତେ ଆମ୍ବଗଛକୁ ପ୍ରାର୍ଥନା କରାଯାଏ । ଏହି ଅବସରରେ ବସନ୍ତ ଋତୁର ଶୁଭାଗମନ ପାଇଁ ସ୍ୱାଗତ କରାଯାଏ । ଧରାପୃଷ୍ଠରୁ ଶୀତ ଛାଡି ନଥାଏ, ଅଗିଜଳା ପୂର୍ଣ୍ଣମୀରେ ଅଗିଜାଳି ଶୀତକୁ ବିଦାୟ ଦିଆଯାଏ। ଏ ସମ୍ପର୍କରେ ଥିବା ଲୋକ ଗୀତଟି ହେଲା-

ଆମ୍ବ ଗଛେ ବଉଳଲୋ ନିମ୍ବ
ଗଛେ ଫୁଲ
ଅଗି ଜଳେ ଶୀତକାଳେ ବାଜି
ଉଠେ ଢୋଲ

ପଲ୍ଲୀ ସଂସ୍କୃତିର ଦିଗଗଜ ସ୍ରଷ୍ଟା ଯଶସ୍ୱୀ ନନ୍ଦ କିଶୋର ବଳ ପଲ୍ଲୀ କବିତାରେ ଆମ୍ବ ବଉଳର ବର୍ଣ୍ଣନାକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରି ପଲ୍ଲୀ ଜୀବନକୁ ଚଳଚଂଚଳ,ଭାବପୂର୍ଣ୍ଣ, ଓ ରସସିକ୍ତ କରିଛନ୍ତି । ତାଙ୍କ ଭାଷାରେ -

ଶୀତ ଅନ୍ତେ ଆସେ ମଧୁର ବସନ୍ତ
ବହେ ଦକ୍ଷିଣା ପବନ ଅ । ମ୍ବ
ବଉଳର ଗହଳେ କୋଇଲି
କରଇ କଳ ଗାୟନ
ବଉଳ ଖାଇଣ କୋକିଳ ମଧୁରେ
ଗାଆନ୍ତି ଆନନ୍ଦେ ଭୋଳେ
ଦେଖୁ ଦେଖୁ ଆମ୍ବ ଚଣା କଷି
ହୋଇ
ଲେନ୍ତି ଲେନ୍ତି ହୋଇ ଦୋଳେ ।

ପୁନଶ୍ଚ ଭକ୍ତ କବି ମଧୁସୂଦନ ରାଓ ଆମ୍ବ ବଉଳ ଓ ଆମ୍ବ କୁଞ୍ଜରେ କୋଇଲିର ମନୋଲୋଭା ପଞ୍ଚମ ତାନର ଗୀତକୁ ଅତି ମାର୍ମିକ ଶୈଳିରେ ନିଜ ସୃଷ୍ଟିରେ ସ୍ଥାନ ଦେଇଛନ୍ତି । ତାଙ୍କ ବର୍ଣ୍ଣନାରେ ଉଲ୍ଲେଖ ଅଛି-

ନବୀନ ପଲ୍ଲବ ନବ କୁସୁମ
ଧରିଅଛି ଦେହେ ରସାଳ ଦ୍ରୁମ
ଡାଳେ ବସି ପିକ ଆନନ୍ଦ ଗୀତ
ଗାଇଣ ମଧୁରେ ହରଇ ଚିତ ।

ବଉଳ ଅମାବାସ୍ୟା ଦିନର ପୂଜା ବିଧି ସ୍ଥଳ ବିଶେଷରେ ଭିନ୍ନତା ଦେଖାଯାଏ । ଏହିଦିନ ବଉଳକୁ ଘରର ଇଷ୍ଟ ଦେବତା ଓ ଗ୍ରାମ ଦେବ ଦେବୀଙ୍କ ନିକଟରେ ଭୋଗଲାଗି କରାଯାଇଥାଏ । ଏହିଦିନ ଘରର ରମଣୀମାନେ ନୂଆ ଅରୁଆ ଚାଉଳକୁ ଚୁନା କରି ଏଥିରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରିଥାନ୍ତି। ସେହି ଗୁଳାକୁ ଗଇଁଠା ବା ବଉଳ ଗୁଡି କୁହାଯାଏ । କେତେକ ଏହି ଚୁନା ମଧ୍ୟରେ ଆମ୍ବ ବଉଳ ରଖିଥାନ୍ତି । ଅରୁଆ ଚାଉଳ ଗୁଣ୍ଡରେ କ୍ଷୀର,ଚିନି ଓ ଅନ୍ୟାନ ଦ୍ରବ୍ୟ ପକାଯାଇ ଅଟକାଳୀ ପ୍ରସ୍ତୁତ କରାଯାଏ । ଅଟକାଳୀରେ ଗଇଁଠାକୁ ପକାଯାଏ । ଗଇଁଠା ପିଠା ବଉଳ ଅମାବାସ୍ୟାର ମୁଖ୍ୟ ଆକର୍ଷଣ । ବଉଳ ଅମାବାସ୍ୟା ଦିନ ପ୍ରଭାତରେ ବାଡିରେ ଥିବା ବିଭିନ୍ନ ଗଛ ଯଥା ପଣସ, ପିଜୁଳି, ନଡିଆ, ଗୁଆ, ମୁଖ୍ୟତଃ ଆମ୍ବଗଛ ମୂଳକୁ ସଫା କରାଯାଏ । ଗୋବରରେ ଆମ୍ବଗଛ ମୂଳକୁ ଲିପାଯାଏ ଏବଂ ଚିତା ପକାଯାଇଥାଏ । ସନ୍ଧ୍ୟା ସମୟରେ ଗଛ ଗୁଡିକୁ ହଳଦି ପାଣିରେ ଗାଧୋଇ ଦେବା ସହିତ ସିନ୍ଦୂର, ଧୂପ, ଦୀପ ପ୍ରଦାନ କରାଯାଏ । ଗଇଁଠା ପିଠା ଭୋଗ ଲାଗି ହୋଇଥାଏ । ଗଇଁଠା ପିଠାକୁ ଆମ୍ବଗଛ ଉପରକୁ ଫୋପଡା ଯାଏ । ଏପରି କରିବା ଦ୍ୱାରା ପ୍ରଚୁର ବଉଳ ହେବ ଏବଂ ଅଧିକ ଆମ୍ବ ଫଳିବ ବୋଲି ବିଶ୍ୱାସ ରହିଛି । ବଉଳ ଅମାବାସ୍ୟାରେ ପ୍ରସ୍ତୁତ ଭୋଗ ସାମଗ୍ରୀ ସାହି ପଡିଶାରେ ବଣ୍ଟାଯାଏ । ଝିଅ ଓ ନାରୀମାନେ ଏହି ଭୋଗକୁ ପରସ୍ପର ମଧ୍ୟରେ ଆଦାୟ କରି ବଉଳ ବସି ବନ୍ଧୁତା ସ୍ଥାପନ କରିଥାନ୍ତି । କେତେକ ସ୍ଥାନରେ କେବଳ ବଉଳ ଆଦାନ ପ୍ରଦାନରେ ବଉଳ ବସା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥାଏ । କେତେକ ସ୍ଥାନରେ ଘରର ଐଶାନ୍ୟ କୋଣରେ ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ବଉଳ ପୂଜା କରାଯାଏ । କେତେକ ସ୍ଥାନରେ କ୍ଷିରି, ପୁରି, ମିଠା, ପିଠା ଓ ବଉଳ ଗୁଡି ସହିତ ଲକ୍ଷ୍ମୀ ଦେବୀଙ୍କୁ ଅର୍ପଣ କରାଯାଏ । କେତେକ ଯୌଥ ପରିବାରରେ ବୟୋଜ୍ୟେଷ୍ଠମାନେ ଅନ୍ନ, ବ୍ୟଞ୍ଜନ ସହିତ ଗଇଁଠା ନେଇ ଗ୍ରାମ ଦେବତୀଙ୍କୁ ଅର୍ପଣ କରିଥାନ୍ତି । କେତେକ ବ୍ୟକ୍ତି ସେଦିନ ମଧ୍ୟ ନୂଆଖିଆ ବିଧାନ ପାଳନ କରିଥାନ୍ତି । ଯାଜପୁରର ବୈତରଣୀ ନଦୀ କୂଳରେ ଯଜ୍ଞ ବରାହ ବା ବରାହନାଥଙ୍କ ମନ୍ଦିର ଅବସ୍ଥିତ । ଯଜ୍ଞ ବରାହଙ୍କ ମହୋତ୍ସବ ବକୁଳ ଅମାବାସ୍ୟା ଦିନ ପାଳିତ ହୁଏ। ବ୍ରହ୍ମା କରିଥିବା ଯଜ୍ଞରୁ ବରାହ ଓ ଦେବୀ ବିରଜା ଜନ୍ମ ଲାଭ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିରେ ବଉଳ ଅମାବାସ୍ୟାର ମହତ୍ତ୍ୱ ଯଥେଷ୍ଟ । ଏହା ଶ୍ରୀମନ୍ଦିରରେ ବିଶେଷ ବିଧି ବିଧାନ ସହ ପାଳନ କରାଯାଏ । ଏହିଦିନ ବଡ ଦେଉଳରେ ଦୈନନ୍ଦିନ ନୀତି ଅନୁଯାୟୀ ସକାଳ ଆଳତୀ, ଅବକାଶନୀତି, ବେଶ, ହସ୍ତରେ ଆଜ୍ଞାମାଳ, ସୂର୍ଯ୍ୟ ପୂଜା, ଗୋପାଳବଲ୍ଲଭ ଭୋଗ, ରୋଷ ହୋମ ସରିବାପରେ ବିରଜାଙ୍କ ସକାଳ ଧୂପ କରାଯାଏ । ସକାଳ ଧୂପରେ କୋଠଭୋଗ ରୋଷଶାଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ଗଇଁଠା ଓ ପିଠା ଭୋଗ ଲାଗେ । ଏହି ଗଇଁଠା ଓ ପିଠା ଲୁଣି ଓ ମିଠା ଭେଦରେ ଦୁଇ ପ୍ରକାରର । ଚାଉଳ ଚୁନାରେ ଖୁଦ ନଡିଆ ପକାଯାଇ ଲୁଣ ମିଶାଇ ଲୁଣି ଗଇଁଠା ଓ ମିଠା ପଡି ମିଠା ଗଇଁଠା ପ୍ରସ୍ତୁତ ହୁଏ । କିନ୍ତୁ ଏହା ବଉଳ ଗଇଁଠା ବା ପିଠା ନୁହେଁ। ସକାଳ ଧୂପରେ ଲାଗି ହେଉଥିବା ଅନ୍ୟ ଏକ ପ୍ରକାର ପିଠା ହେଉଛି ବଉଳ ଅମାବାସ୍ୟାର ସ୍ୱତନ୍ତ୍ର ଭୋଗ। ଏହାର ନାମ ହେଉଛି ନାଡିବଉଳ ଓ ଫେଣିବଉଳ । ସରାମାନଙ୍କରେ ବିରିରେ ପ୍ରସ୍ତୁତ ନାଡି ଭଙ୍ଗାଯାଇ ତା ଉପରେ ଆମ୍ବ ବଉଳ ଦେଇ ଯେଉଁ ମୂର୍ତ୍ତିମୂଳ କରାଯାଏ ତାହା ନାଡିବଉଳ । ସେହିପରି ଚାଉଳ ଚୁନାକୁ ଘିଅରେ ଭଜାଯାଇ ତାହାକୁ ସରାରେ ରଖି ତାହା ଉପରେ ଆମ୍ବ ବଉଳ ଦେଇ ଯେଉଁ ମୂର୍ତ୍ତିମୂଳ କରାଯାଏ ତାହା ଫେଣିବଉଳ । ସକାଳ ଧୂପ ଚାଲିଥିବା ସମୟରେ ମହାସୁଆର ରୋଷଘରୁ ୭ଟି ଗଇଁଠା, ୭ଟି ନାଡିବଉଳ, ୪ଟି ଫେଣିବଉଳ, ୪ସରା ଗଇଁଠା, ୪ସରା ନାଡି, ୪ସରା ଚୁନା ଆଦି ଭୋଗ ପାଇଁ ରତ୍ନ ସିଂହାସନ ନିକଟକୁ ଆସନ୍ତି । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡଶ ଉପଚାରରେ ପୂଜା କରିଥାନ୍ତି । ଆଳତି ସରିବା ପରେ ତାଟ ଭିତରେ ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତ ଠାକୁରଙ୍କ ବାଡିରେ ବନ୍ଦାପନା କରନ୍ତି । ଦକ୍ଷିଣଘରୁ ନାରାୟଣଙ୍କୁ ଆଣି ସିଂହାସନ ଉପରେ ବିଜେ କରାଯାଏ। ଏହାପରେ ପଣ୍ଡା ଆଜ୍ଞାମାଳ ଦେବାପରେ ଝୁଲଣ ମଣ୍ଡପ ଠାରେ ଥିବା ପାଲିଙ୍କିରେ ନାରାୟଣଙ୍କୁ ସାଗର ବିଜେ ନିମନ୍ତେ ନିଆଯାଇଥାଏ ଓ ସେଠାରେ ଅମାବାସ୍ୟା ନୀତି ବିଧି ପୂର୍ବକ ପାଳନ କରାଯାଏ । ବଉଳ ଅମାବାସ୍ୟା ଦିନ ହେଉଥିବା ଆଳତି ଓ ବନ୍ଦାପନା ସମୟରେ ଠାକୁରଙ୍କୁ ଦର୍ଶନ କଲେ ତାହା ଅତ୍ୟନ୍ତ ପୁଣ୍ୟପ୍ରଦ ବୋଲି କାମଦେବ ସଂହିତାରେ ଉଲ୍ଲେଖ ଅଛି । ବଉଳ ଅମାବାସ୍ୟା ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଗୋଟେ ଜହ୍ନରାତିର ଗପ

ଐଶ୍ୱର୍ଯ୍ୟା ପ୍ରଧାନ

ଭିଜି ଯାଇ ଶୁଖି ନଥିବା ଚୁଲି
ଭକ୍ ଭକ୍ ଧୂଆଁ ଛାଡୁଥାଏ
ଦୁଇଟି ନିରୀହ ଆଖି ଭିତରୁ
ଧୂଆଁ ଠେଲିଦେଉଥାଏ ତତଲା ଲୁହ
କିଛି କ୍ଷଣ ଆଗରୁ ସେଇ ଆଖି ଯୋଡ଼ିକ ଜହ୍ନକୁ ଦେଖି
ଫିକ୍ କିନା ହସି ଦେଇଥିଲା ।



ନିବୁଜ ଝୁମ୍ପୁଡିରେ ଅମାବାସ୍ୟା ଅନ୍ଧାର
ଛିଣ୍ଡା ଖଟରେ ଶୋଇଛି ମରି ସାରିଥିବା ଶୈଶବର
ଭିନ୍ନ ଏକ ଭବିଷ୍ୟତ
ମୁଦିଥିବା ଆଖିରେ ବି ଦେଖୁଛି ଗୋଟେ ଉନ୍ନତ ଜୀବନର ଛବି
ଏଇନେ ଜାଣି ପାରୁନି
ସେଇ ଛବିକୁ ରଂଗେଇ ପାରିବନି କେବେ ସେ
ଏମିତି ରହିଯିବ ବେରଂଗ ଚିତ୍ରଟିଏ ହୋଇ ।

ଚୁଲି ଜାଳୁଥିବା ସ୍ତ୍ରୀଲୋକ ବିକଳରେ ଅନାଏ
କେବେ କଳା ପଡିଯାଇଥିବା ଭାତହାଣ୍ଡିକୁ
କେବେ ଆବଡା ଖାବଡା ପାଦଚଲା ରାସ୍ତାକୁ
ଅନୀତି ଦୂରରେ ଛାଇଟେ ଦେଖି ଚମକି ପଡେ
ମାଟିକାନ୍ଥରେ କାଟିଥିବା ଗାରକୁ ଗଣିବାରେ ଲାଗିପଡ଼େ
ମନେମନେ ହିସାବ କରେ ତା’ ଗେରସ୍ତ ଦାଦନ ଯିବାର ତିଥିବାର

ଏପଟେ ଖୁଁ ଖୁଁ କାଶରେ କମ୍ପି ଉଠେ ମମତାକୁ ବନ୍ଧା ଦେଇଥିବା ମାଆର ଛାତି
ଆଖିରୁ ନିଗିଡି ଆସୁଥବା ଧାର ବହୁତ କାହାଣୀ କହେ
ହେଲେ ସେଇ କାହାଣୀ ଶୁଣିବାକୁ ଶ୍ରୋତା ନଥାଏ
ସେଇ କେତେ ଜଣ ହିଁ ଆଖି ଲୁହରେ
ଲେଖି ଚାଲନ୍ତି ଗପ କବିତା
ସେମାନେ ହିଁ ଲେଖକ ଆଉ ଶ୍ରୋତା ।



ଏଇ ମାନଙ୍କୁ ବି ଈର୍ଷାକରେ ଅଦିନିଆ ବର୍ଷା
ଚୁଲି ସିନା ଭିଜେ, କାଠ ସିନା ସ୍ନାନ କରେ
କିଏ ବୁଝେ କି
କେତେଟା ପେଟ ଭୋକରେ ରଡ଼େ
ଅନିଦ୍ରା ରଖେ କେତେଟା ଆଖିକୁ ଏ ଉଦରର କଷଣ,
ପେଟର ଭୋକକୁ ମନରେ ଗଣ୍ଠି ପକେଇ
ରାତିସାରା କଡ଼ ଲେଉଟାଇ ବିନା କଲମରେ
ଲେଖିଚାଲେ
ଜହ୍ନରାତିର ଗପ,
ଏ ଗପକୁ ସେ ହିଁ ବୁଝେ
ଦରଜରେ ସେ ଏକା ସିଝେ
ଅବୁଝା ରହେ କେବଳ
ଆଉ ଗୋଟେ ସକାଳର ଆରମ୍ଭ ।

ପୋଷ୍ଟାଲ କଲୋନୀ, ଭବାନୀପାଟଣା, କଳାହାଣ୍ଡି, ମୋ-୭୦୦୮୯୩୧୫୯୯

# ଗୋପର ଗୁଆଳି

ପିନାକୀ ମିଶ୍ର

ଖୋଜିବା ପାଇବା ମଝିରେ ଝୁଲୁଛି ପ୍ରୀତିଛଳ ଓଦାଆଖି
ତୋଟା ବନମାଳ ଘାଟର ଖରାରେ ମୁହଁ ତ ଯାଉଛି ଶୁଖି ,
ଦିପହରଟାରେ କାହାକୁ ନକହି କାହୁଁ କୁଆଡେ ଗଲା ?
ଛାଁକୁ ଛାତିରେ ଦକ ପଶିଗଲା ଖୋଜିଗଲେ ଗୋପବାଳା ।

ଘରେ ନାହିଁ ସିଏ, ତୋଟାରେ ବି ନାହିଁ ପବନ ଟିକିଏ ନାହିଁ
ଛନ୍ଦ ବିଧୂରା ଗୋପର ଲଳନା କୁଆଡେ ଖୋଜିବେ କାହିଁ ?
ଗଉଡଟୋକାର ହଜାରେ ଫିକର ରାଧିକା ପାରେନି ଜାଣି
କାହୁଁ ତ ନିଜେ ବଇଶାଖ ଖରା ଉପରକୁ ନୀଳମଣି ।

ଯିଏ ଯେଉଁଆଡେ ପାରିଲେ ଧାଇଁଲେ ଜଳାଇ ନରମପାଦ
ବଂଶୀ ଶୁଭୁନି ଗୋଠ ବି ଦିଶୁନି ବଢିଲାଣି ଅବସାଦ ,
ଗୋପିକାରସିକା ମନରେ ଛନକା କାଳେ କିଏ ଭେଟହେଲା
ଯଉବନ ଟିକେ ଛୁଇଁଛି କି ନାହିଁ କିଏ ସେ ନଜର ଦେଲା ?

ପରାଣ ରାଧିକା ଦୂତୀ ଓ ବିଶାଖା ଗୋପରଗୁଆଳି କେତେ
ସବୁ ଥାଉଥାଉ ଆଉ ପୁଣି କିଏ ନବମଲ୍ଲିକା ବେଶେ ?
ଥିବକି ଆଉଜି ନିକାଞ୍ଚନରେ ନବନାଗରୀକୁ ଛନ୍ଦି
ସହଜେ ଚତୁର ରସିଆଭ୍ରମର ତାକୁ କେ ପାରିଛି ବାନ୍ଧି ?


ପ୍ରେମ ବିରହର ମଝିରେ ପାହାଡ ସନ୍ଦେହ ତା’ର ନାଁ
ଜନମ ମରଣ ମଝିରେ ଜୀବନ ଅଧାରାସ୍ତାରେ ଠିଆ ,
ଦାରୁଣ ଖରାର ଦହନ ସହିଛି ସରସୀର ପ୍ରୀତିଜଳ
ତଥାପି ଛାତିର କମଳ ଦେଇଛି ନାରୀମନ ହୃଦତଳ ।

ଜଣକ ପାଇଁ ତ ବରଜଧୂଳିରେ କୋଟିଜନମର ପୁଣ୍ୟ
ଜଣକ ପାଇଁ ତ ଯମୁନାଘାଟରେ କେତେ କଳଙ୍କ ଚିହ୍ନ ,
ପ୍ରଶ୍ୱାସ ନିଃଶ୍ୱାସ ମଝିରେ ବି ସେଇ ଅନୁପମ ପ୍ରିୟତମ
ଝୁରିହେବା ଖାଲି କପାଳ ଲିଖନ କନ୍ଦାଇ ଜାଣେ ତା’ପ୍ରେମ ।

ଅଚିହ୍ନାଁଅଜଣା କେଉଁ ରୂପବତୀ କେଉଁଦେଶେ ତା’ର ଘର ?
କେମିତି ପାଇଲା କାହୁଁ ଠିକଣା ରଚିବକି ଅଭିସାର ?
ସଞ୍ଜ ଆସିବ ରାତି ଘନେଇବ ଫେରିବେନି ସଖୀ ଘରେ
ଆତ୍ମା ନଥିଲେ ଦେହ କିସ ହେବ କାହୁଁ କି ହେଜିପାରେ ?

ଖୋଜା ସରିବନି ପ୍ରୀତି ସରିବନି ମନେ ପଡୁଥିବ ସ୍ମୃତି
ସ୍ମୃତିରେ ସାଇତା ସାତଦରିଆର ବଣିଜବେଭାର ମୋତି,
ଶତଜନମର ପୁଣ୍ୟଫଳରୁ ମିଳିଛି ଏ ଗୋପପୁର
ଦଶଦିଗେ ଖୋଜ ହଟିଆବଣିକ, କେତେଯେ’ କରୁଛି ଖେଳ ?

ଘରେ ପଶୁପଶୁ ଦୁଆରୁ ଛେକିବ, ଛାଡିବ ପ୍ରଶ୍ନବାଣ
ଖନି ମାରୁଥିବ ରଙ୍ଗାଅଧର, କି ଉତ୍ତର ଦେବ ଶୁଣ,
ଗୋପୀବାଳାଙ୍କ ରାଗର ନିଆଁରେ ଆହୁରି ଫୁଲିବ ମୁହଁ,
କେଉଁ ରଜାଝିଅ ଅଦିନରେ ଆସି କିସ ଦେଇଗଲା କୁହ ?



“ଶୁଭ୍ରଜ୍ୟୋତ୍ସ୍ନା’ ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର
ମୋ ୯୪୩୮୧୧୮୩୯୭

# ମନେପଡ଼େ

ଡ.ଚନ୍ଦ୍ରକଳା ନାୟକ

ସହରର ଧୂଳିଧୂଆଁ ଭିତରେ
ମୋ ଉଦାସ ପଣଟାରେ
ମନେପଡେ ମୋ ଗାଁ ।

ଦୃଷ୍ଟି ଆଢୁଆଳରେ ଭାସିଉଠେ
ପାଟବିଲର ବୁଦାଳିଆ ବେଣାଚେର
ସବୁଜିମା ଭରା ଧାନକ୍ଷେତ
ସିଧା ଠିଆ ହୋଇ ପାରୁ ନଥିବା ପୋଖରୀଟା
କୁହଁରିଆ କେଳର ରେଳ ଲାଇନର ଧାର
ପାହାଡ କୋଳରେ ଶୋଇଥିବା ମଣିଷ
କେନାଲରେ ବୋହି ଯାଉଥିବା କାଚକେନ୍ଦୁ ପାଣି ।

ମୋ ଗାଁ ଆରପାଖେ ରାଜାଙ୍କ ମହଲ
ତାକୁ ଲାଗି ପ୍ରଭୁ ଜଗାର ମନ୍ଦିର
ବେଢାକୁ ଘେରି ରହିଛି ଗହଳିଆ ଆମ୍ବତୋଟା
ପାଟ ସାରା କାଶତଣ୍ଡୀର ସମ୍ଭାର
ଛୋଟ ଗଡିଆର ଲାଜକୁଳି କଇଁ
ଗାଁ ଦାଣ୍ଡର ଫେରନ୍ତା ଗାଈଆଳ
ଧାଡି ଧାଡି ତଳ ଉପର ଚାଳଘର
ଦିକ ଦିକ କମ ଭୋଲଟେଜର ଆଲୋକ ।

ମୋ ଗାଁ ଠାକୁରାଣୀ ଅଳା
ଭାଗବତ ଟୁଙ୍ଗୀ, ମହାଦେବଙ୍କ ମନ୍ଦିର
ଖେଳ ପଡିଆ ଓ ଆମ ପାଠଶାଳା
ସବୁ ଯେମିତି କାନଭାସର ଚିତ୍ରରେ ଚିତ୍ରିତ ହୁଏ ।

ମୋ ଗାଁର ସ୍ନେହୀ ମଣିଷ ଗୁଡା
ଆପଣାର ଆପଣାର ଲାଗନ୍ତି
ଓଷାବ୍ରତର ମହକ ସେଠି ମହକେ
ସାହି ସାହି ବୁଲି ପୋଡପିଠା ଖାଇବାର ମହକ
ଏବେ ବି ଜୀବନ୍ତ ।

ମୋ ଗାଁରେ ସଞ୍ଜ ହେଲେ ଚୁଲି ଜଳେ
ଘରର ସମସ୍ତ ସଦସ୍ୟଙ୍କ ପସରା ମେଲେ
ଏକମନ ଏକପ୍ରାଣ ଓ ଏକ ହୃଦୟ
ଯେମିତି ସମସ୍ତେ ସମସ୍ତଙ୍କ ପାଇଁ
ଲାଗେ ଯେପରି ରଜର ମଉଜ ପରି ।

ମୋ ଗାଁ ପିଠାର ବାସ୍ନା
ଗାଁ ଦାଣ୍ଡର ଧୂଳିକୁ ମହକାଇ ଦିଏ
ଯେମିତି ସୁଖ ଏଠି ପସରା ମେଲିଛି
ଯେମିତି ଗାଁ ଦାଣ୍ଡରେ ହରେକମାଲ
ସଜାଇ ହୋଇ ଅପେକ୍ଷା କରିଛି ।

ମୋ ଗାଁ ମଶାଣିଟା ଭାଣି ଅଭିମାନୀ
କେତେବେଳେ କାହାକୁ ନିଏ
କିଏ ବା ଜାଣେ –
ଆଖିର ଲୁହରେ ମଶାଣି ଓଦା ହୁଏ
ପୁଣି ଆରଦିନ ମଣିଷ ପଣିଆରେ ହସିଉଠେ ।

ଓହରର ଚାରିଛକି ରାସ୍ତାରେ ଅବା
ଆପାର୍ଟମେଂଟର ନିବୃତ୍ତ ଆଲୋକରେ
ଧୋକା ଦେଇଥିବା ପ୍ରେମିକାର ପ୍ରେମରେ
ଉଠପଡ ହେଉଥିବା ନିରନ୍ତର ଜୀବନ ଚକ୍ରରେ
ମୋ ଗାଁ ଆଜି ଭାରି ମନେପଡେ ।

ଆମପିକା,
ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ ଯାଜପୁର
ମୋ-୯୪୩୭୯୫୭୬୧୭

# ନୂଆବର୍ଷ

ଆଦ୍ୟାଶା ମହାପାତ୍ର

ନୂଆବର୍ଷ ପରା ଆସୁଛି ଧରାକୁ
ଶତ ସମ୍ଭାବନା ନେଇ
ନୂତନ ଆଶ୍ୱାସ ନୂତନ ବିଶ୍ୱାସ
ପ୍ରତି ପ୍ରାଣେ ଉଠେ ଚେଇଁ ।।

ହିଂସା ଦ୍ୱେଷ ଯେତେ ଦୂର ହୋଇଯାଉ
ମନେ ଝରୁ ମନ୍ଦାକିନୀ
ପବିତ୍ର ଭାବନା ପବିତ୍ର ଚେତନା
ହେଉ ଏବେ ଯୁଗଧ୍ୱନି ।।

ଐକ୍ୟତ୍ୱର ଭାବ ବିନିଷ୍ଟ ପାଇଁ କି
ନହେଉ କେ ପ୍ରରୋଚିତ
ସଂହତି ସଂପ୍ରୀତି ଭାଇଚାରା ଭାବ
ନହେଉ ବି ପରାହତ ।।




ପୃଥିବୀ ବକ୍ଷରୁ ରୋଗ ମହାମାରୀ
ବେଗେ ଯାଉ ଅପସରି
କ୍ଷୁଧାତୁର କେଉଁ ଜୀବଟେ ସଂସାରୁ
ଅକାଳେ ନଯାଉ ଝରି ।।

ଯୁଦ୍ଧ ଘନଘଟା ବିଭୀଷିକା ପାଇଁ
ନହେଉ କେ ଆତଙ୍କିତ
ଧ୍ୱଂସ ଲୀଳା ଆଉ ନ ଦେଖୁ ବିଶ୍ୱ
ଖୋଜୁ ସମାଧାନ ସୂତ୍ର ।।

ଆଶା ପୂର୍ଣ୍ଣ ନବ ଆଲୋକ ବର୍ତ୍ତିକା
ଧରାପୃଷ୍ଠ ପରେ ଆସୁ
ପ୍ରେମ ପରିଭାଷା ନବଚେତନାରେ
ଏ ସାରା ଜଗତ ହସୁ ।।

ନୂଆପଡା, କଟକ

# ଦୁଃଖ ଝଡ଼

ଅବନୀ କୁମାର ରାଉତ

ଦୁଃଖର ଝଡ଼ ଆସେ ଯେବେ
ଜୀବନର ମଝି ବୟସରେ ଝଡ଼ ଉଠେ
ମନଟା ଚହଲା ଡ଼ଙ୍ଗା ପରି ହୁଏ
ମଝିରେ ଲହଡ଼ିକୁ ଡଉଲୁ ଡଉଲୁ
ନିଜେ ନିଜକୁ ବିଛିନ୍ନ ହୋଇଯାଏ !

ଗୋଟିଏ ଦିଗ ନିଜ ଉପରେ ବିଶ୍ୱାସ
ଆଉ ଗୋଟିଏ ବିଶ୍ୱ ବହୁତ ପ୍ରସସ୍ତମୟ !

ଏ ଯୁଗରୁ ଅତିକ୍ରମ କରି ନୂଆ କିଛି ଚାହୁଁଥାଏ
ଯୌବନର ଏକ ଭିନ୍ନ ସ୍ତରରେ ଦୁଃଖ ଆସିଯାଏ
ଅଦିନିଆ ସଂନ୍ଧ୍ୟାର ରବି
ଲୁଚିଯାନ୍ତି ପାହାଡ଼ ସେପାଖେ ବହୁ ଦୂରେ !

କେହିତ ତୁମର ପାଦ ଟାଣି ଧରେ ...
ଦୁର୍ଦ୍ଦିନକୁ ଭିଡ଼ି ଭିଡ଼ି ଆଣେ ପୃଥିବୀରେ

ହୃଦୟକୁ କ୍ଷତାକ୍ତ ସ୍ୱର୍ଶ ଅନୁଭବ କରୁଥିଲି... !

ଜୀବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉ
ତୁଲାଉ ସାଗରର ସୂର୍ଯ୍ୟ ଅସ୍ତ ହୋଇଯାଏ
ଆସି ଯାଏ ସେ ଦୁଃଖ ସୀମାହୀନ ସମୁଦ୍ର ରେଖା
ଦୂର ଦିଗନ୍ତରେ ଛାୟା ପଥ ପରି ଲମ୍ବିଥାଏ

ସତେ କେତେ ମର୍ମ ଭେଦି ସକଳଙ୍କ ପାଇଁ.
ମୁଁ ଚାହେଁ ଦୁଃଖ ନିର୍ଲିପ୍ତ ହୋଇଉଠୁ ..
ବଦଳି ଗଲେଣି ଏବେ ନିଜ ଲୋକ
ଚାଲି ଗଲେଣି କିଛି ନିଜ ମଣିଷ
ସମୟ ବି ବଦଳି ଯାଇଛି .......!

କିନ୍ତୁ ଏକୁଟିଆ ବସି ଭାବିଲେ
ସବୁ ସ୍ମୃତି ମନେ ପଡ଼େ ଏହି ଦୁଃଖର ...
ଉପେକ୍ଷା କରି ହୁଏ ନାହିଁ !

ମା ବିରଜା କ୍ଷେତ୍ର

# ଈଶ୍ୱରୀ

କବିତା ମହାନ୍ତି

ଦୁନିଆଁର ସବୁଠୁଁ ସୁନ୍ଦର୍ ଶବ୍ଦ ‘ବୋଉ’
ଛୁଆର ପ୍ରଥମ କଥା ଆରମ୍ଭ ‘ବୋଉ’
ଆହୁରି ମିଠା ଡାକ ‘ମୋ ବୋଉ’
ଝୁଣ୍ଟି ପଡ଼ିଲେ ‘ବୋଉଲୋ’
କଣ୍ଟାଟିଏ ପାଦରେ ଫୋଡ଼ି ହୋଇଗଲେ ‘ଓଃ ବୋଉ’

ନିଶ୍ୱାସ ରେ ‘ବୋଉ’
ପ୍ରଶ୍ୱାସ ରେ ‘ବୋଉ’

ହସରେ ‘ବୋଉ’
କାନ୍ଦରେ ‘ବୋଉ’
ସବୁଠୁ ସୁସ୍ୱାଦ ବୋଉ ହାତ ରନ୍ଧା
ଆତ୍ମ ସନ୍ତୋଷ ଦିଏ ବୋଉ ହାତମୁଠା ଭରା ଗୁଣ୍ଡା
‘ ବୋଉ’ ଆହା ରେ ଥାଏ ସାରା ଦୁନିଆଁର ଆଶ୍ୱାସନା
‘ବୋଉ’ ହାତ ବୁଲେଇ ଦେଲେ
ମେଣ୍ଟି ଯାଏ ସାରା କ୍ଲାନ୍ତିର ଅବସାନ

ମାଇଲ୍ ମାଇଲ୍ ଦୂରରୁ
‘ ବୋଉ’ କଳି ନିଏ ଛୁଆର ଦେହ କଷ୍ଟ
ଅବା ମନ କଷ୍ଟ
ମନ ଆଇନା ରେ ‘ବୋଉ’ ଦେଖିନିଏ
ପିଲାର ଶୁଖିଲା ମୁହଁ

ଦୁନିଆଁ ରେ ‘ବୋଉ’ ଏକା କୁହେ
ପିଲାଟାର ଦେହରେ ଜମା ଲାଗିଲାନି
ଯେତେ ଖାଇଥିଲେ
ବଳେଇ ବଳେଇ ଖୁଆଇଦିଏ ‘ବୋଉ’

ଲୁଗା କାନି ଟାରେ ଝାଳ ପୋଛି ନିଏ
ସତେ ଯେମିତି ଦୁନିଆଁର ସବୁ ସୁଖ
ସେଇ କାନି ପଣତ ବାସ୍ନା ରେ ବାନ୍ଧି ହୋଇ ଥାଏ

ନିଜେ ନଖାଇ ନପିଇ କାହିଁକି ଯେ
ପିଲା ପାଇଁ ଝୁରି ହେଉଥାଏ
କେଉଁଠୁ ପାଇଥାଏ ସିଏ ଏତେ ଦରଦୀ ମନ
ସତରେ କଣ ଈଶ୍ୱର ଫୁରୁସତ୍‌ରେ ଗଢିଥାନ୍ତି
ଏଇ ବୋଉ ମାନଙ୍କୁ
ନା ‘ବୋଉ’ ହିଁ ନାରୀ ରୂପୀ ଈଶ୍ୱରୀ



ନିଗମାନନ୍ଦ ନଗର , ବମିଖାଲ
ଭୁବନେଶ୍ୱର , ମୋ-୯୯୩୭୩୪୮୨୫୦

# ଶାନ୍ତି

ଗୀତାଞ୍ଜଳି ପାତ୍ର

ତତେ ଖୋଜିଛି ମୁଁ ସହର ବଜାରେ
ଗାଁ ଗାଁ ସାହି ସାହି
ତୋ ଠିକଣାଟା ନିର୍ଭୁଲ ଭାବରେ
ପାରିଲେନି କେହି କହି ।

ବୁଲିଲି ତମାମ୍ ପାହାଡ ଓ ନଈ
ଧାନ କ୍ଷେତ ପଡିଆରେ
କହିଲେ ସଭିଏଁ ତୁ ଆଜିକାଲି
ରହୁନାହୁଁ ବି ଗାଆଁରେ ।

ଖୋଜିଲି ତୋତେ ମୁଁ ସପିଙ୍ଗ ମଲ୍‌ରେ
ବଡବଡ କୋଠାଘରେ
ହୋଟେଲ୍ ଓ ପାର୍କ ଭୋଜି ଉତ୍ସବରେ
ପାଇଲିନି କେଉଁଠାରେ ।



କହିଲେ ସଭିଏଁ ଆସିଲୁ ଘଡିଏ
କେତେବେଳେ ଚାଲିଗଲୁ
ଯେତେଥିଲେ ସେଠି ତୋ ଆସିବା
ଯିବା ଜାଣିଲେନି ବିଲ୍‌କୁଲୁ ।

ତୁ ଆସୁନାହିଁ ରାତିର ନିଦରେ
ଦୁଃଶ୍ଚିନ୍ତାର ଧମକରେ
ସପନ ସହିତ କି ମନମାଳିନ୍ୟ
ଜାଣିନି ମୁଁ ପ୍ରକୃତରେ ।

ତୁ ନାହୁଁ ବୋଲି ନିଦ କିଣାହୁଏ
କିଣା ହେଉଛି ସପନ
ତୋ ବିନା କହ କି କାମେ ଲାଗିବ
ଯେତେ ଅରଜିଲେ ଧନ
ତୁ ଥିଲେ ପାଶେ ଦୁନିଆଁରେ ଆଉ
କାହାର କି ପ୍ରୟୋଜନ ।



ଭାଲୁକି ପାତଳା, କେନ୍ଦୁଝର ଗଡ

# ଡୋପ୍ କଳଙ୍କରେ ଭାରତ ବିଶ୍ୱରେ ସପ୍ତମ, ଶୀର୍ଷରେ ଚୀନ୍ : ୱାଡା




**ନୂଆଦିଲ୍ଲୀ**

ଦିନକୁ ଦିନ ଭାରତୀୟ କ୍ରୀଡ଼ାବିତ୍‌ମାନେ ମାତ୍ରାଧିକ ଶକ୍ତିବର୍ଦ୍ଧକ ଔଷଧ ବ୍ୟବହାର କରୁଛନ୍ତି । ଯାହା ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରୁଛି । ବିଶ୍ୱ ଡୋପ୍ ନିରୋଧି ସଂସ୍ଥା (ୱାଡା) ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ ଆଧାରରେ ଭାରତରେ ଡୋପ୍ କଳଙ୍କ ବର୍ଷକୁ ବର୍ଷ ବୃଦ୍ଧି ପାଉଛି ।

୨୦୨୪ରେ ଏହି କଳଙ୍କ ତାଲିକାରେ ଚୀନ ବିଶ୍ୱରେ ପ୍ରଥମ ଏବଂ ଭାରତ ସପ୍ତମ ସ୍ଥାନରେ ରହିଛି । ଗତ ବର୍ଷ ନାଡା (ଜାତୀୟ ଡୋପ୍ ନିରୋଧି ସଂସ୍ଥା) ବିଭିନ୍ନ କ୍ରୀଡ଼ାର କ୍ରୀଡ଼ାବିତ୍‌ଙ୍କ ଠାରୁ ଡୋପ୍ ପରୀକ୍ଷା ପାଇଁ ୭,୧୧୩ ସଂଗ୍ରହ କରିଥିଲା । ସେମିତି ଚୀନରେ ସର୍ବାଧିକ ୨୪,୨୧୪, ଜର୍ମାନୀରେ ୧୫୦୮୧, ଫ୍ରାନ୍ସରେ ୧୧୭୪୪, ରୁଷରେ ୧୦୭୭୪, ଇଟାଲୀରେ ୯୩୦୪ ଏବଂ ଇଂଲଣ୍ଡରେ ୮୨୭୩ ନମୂନା ସଂଗ୍ରହ କରାଯାଇଥିଲା ।

ଭାରତରେ ୩.୬% କ୍ରୀଡ଼ାବିତ୍‌ଙ୍କ ରିପୋର୍ଟ ପୋଜିଟିଭ ଆସିଥିଲା । ଅର୍ଥାତ ୭,୧୧୩ଟି ନମୂନାରୁ ୨୬୦ ଜଣ ଡୋପ୍ ପରୀକ୍ଷରେ ବିଫଳ ହୋଇ ବାସନ୍ଦ ହୋଇଥିଲେ । ଚଳିତ ବର୍ଷ ଏ ପର୍ଯ୍ୟନ୍ତ (ଡିସେମ୍ବର ୧୬ ତାରିଖ) ୭୦୬୮ ନମୂନା ସଂଗ୍ରହ ହୋଇଛି । ସେମାନଙ୍କ ମଧ୍ୟରୁ ୧୧୦ ଜଣଙ୍କ ରିପୋର୍ଟ ପୋଜିଟିଭ ଆସିଛି । ଗତବର୍ଷ ତୁଳନାରେ ୨୦୨୫ରେ ଡୋପ୍‌ରେ ବିଫଳ ହେବା ସଂଖ୍ୟା ହ୍ରାସ ପାଇଛି ।

## ୧୯ ବର୍ଷରୁ କମ୍ ଏସିଆ କପ୍

# ଆଜି ଭାରତ-ଶ୍ରୀଲଙ୍କା, ପାକିସ୍ତାନ-ବାଂଲାଦେଶ ସେମି ଫାଇନାଲ ଟକ୍କର




**ଦୁବାଇ**

୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ୍ ଲାଇନ୍ ଚୂଡ଼ାନ୍ତ ହୋଇଛି । ୧୯ ତାରିଖ ଦିନ ପ୍ରଥମ ସେମି ଫାଇନାଲରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ । ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ ।

ଗ୍ରୁପ୍ ବି'ର ୨ଟି ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ଓ ଆଫଗାନିସ୍ତାନ ବିଜୟ ହାସଲ କରିଥିଲେ । ବାଂଲାଦେଶ ୩୯ ରନରେ ଶ୍ରୀଲଙ୍କାକୁ ହରାଇ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଥିଲା । ଶ୍ରୀଲଙ୍କା ଦ୍ୱିତୀୟ ସ୍ଥାନରେ ରହିଥିଲା । ଆଫଗାନିସ୍ତାନ ୬ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଥିଲେ ହେଁ ସେମିକୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା ।

ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୬.୩ ଓଭରରେ ୨୨୫ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଜାୱଦ ଅବରାର ୪୯, ରିଫତ ବେଗ ୩୬, ଅଜିଜୁଲ ହାକିମ ୨୯ ଓ କାଲାମ ସିଦ୍ଦିକ ୩୨ ରନ କରିଥିଲେ । ଶ୍ରୀଲଙ୍କା ପକ୍ଷରୁ କବିଜା ଗାମେଜ ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଶ୍ରୀଲଙ୍କା ୪୯.୧ ଓଭରରେ ୧୮୬ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା । ଦଳ ପକ୍ଷରୁ ଚାମିକା ହିନାତିଗାଲା ୪୧, ଆଧମ ହିଲମି ୩୯ ରନ କରିଥିଲେ । ବାଂଲାଦେଶ ପକ୍ଷରୁ ଇକବାଲ୍ ହୋସେନ ଇମନ ଓ ଶାହାରିୟର ଅହମ୍ମଦ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ ।

ଅନ୍ୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନେପାଳ ୧୨୪ ରନରେ ସମସ୍ତ ୱିକେଟ୍ ହରାଇଥିଲା । ଦଳ ପକ୍ଷରୁ ଦିଲସାଦ ଅଲି ସର୍ବାଧିକ ୩୨ ରନ କରିଥିଲେ । ଜବାବରେ ଆଫଗାନିସ୍ତାନ ୪ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଦଳ ପକ୍ଷରୁ ଉଜୈରଉଲ୍ଲା ନିଆଜି ସର୍ବାଧିକ ୬୧ ରନ କରିଥିଲେ ।

# ଈଶାନ କିଷାନଙ୍କ ଧୂଆଁଧାର ଶତକ ସୟଦ ମୁସ୍ତାକ ଅଲି ଟ୍ରଫି ଜିତିଲା ଝାଡ଼ଖଣ୍ଡ



**ପୁନେ**

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ବଡ଼ ଟି-୨୦ ଟୁର୍ଣ୍ଣାମେଣ୍ଟ 'ସୟଦ ମୁସ୍ତାକ ଅଲି ଟ୍ରଫି'ରେ ନୂଆ ଇତିହାସ ରଚିଛି ଝାଡ଼ଖଣ୍ଡ । ଗୁରୁବାର ପୁଣେଠାରେ ଅନୁଷ୍ଠିତ ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ହରିୟାଣାକୁ ପରାସ୍ତ କରି ଝାଡ଼ଖଣ୍ଡ ପ୍ରଥମ ଥର ପାଇଁ ଏହି ଟ୍ରଫି ହାସଲ କରିଛି । ଟୁର୍ଣ୍ଣାମେଣ୍ଟ ଇତିହାସରେ ଝାଡ଼ଖଣ୍ଡ ଦଳ ପ୍ରଥମ ଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଗତଥରର ଦମ୍‌ଦାର ପ୍ରଦର୍ଶନ କରିଥିବା ହରିୟାଣାକୁ ଝାଡ଼ଖଣ୍ଡର ଶାଣିତ ବ୍ୟାଟିଂ ଓ ବୋଲିଂ ଆଗରେ ଆତ୍ମସମର୍ପଣ କରିବାକୁ ପଡ଼ିଛି । ପୁଣେରେ ଖେଳାଯାଇଥିବା ଏହି ମ୍ୟାଚରେ ଝାଡ଼ଖଣ୍ଡ ସବୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ୍ ଜିତିଛି । ଏହି ସଫଳତା ସହ ଝାଡ଼ଖଣ୍ଡ କ୍ରିକେଟ୍ ଦଳ ନିଜର ଶ୍ରେଷ୍ଠତା ପ୍ରମାଣିତ କରିବା ସହ ଦେଶର ଘରୋଇ କ୍ରିକେଟରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ।

## ଆଇସିସି ଟ୍ୱେଣ୍ଟି୨୦ ବ୍ୟାଟିଂ ମାନ୍ୟତା

# ୪ର୍ଥ ସ୍ଥାନକୁ ଉଠିଲେ ତିଳକ; ୧୦ମକୁ ଖସିଲେ ସୂର୍ଯ୍ୟ



**ନୂଆଦିଲ୍ଲୀ**

ଭାରତୀୟ ଟ୍ୱେଣ୍ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗତ କିଛି ମାସ ହେବ ଖରାପ ଫର୍ମ ଦେଇ ଗତି କରୁଛନ୍ତି । ଉକ୍ତ ପ୍ରଦର୍ଶନ ତାଙ୍କ କ୍ୟାରିୟର ମାନ୍ୟତା ଉପରେ ପ୍ରଭାବ ପକାଇଛି । ୪ ବର୍ଷ ପରେ ସୂର୍ଯ୍ୟକୁମାର ଆଇସିସି ଟ୍ୱେଣ୍ଟି୨୦ ବ୍ୟାଟିଂମାନ୍ୟତାର ୧୦ମ ସ୍ଥାନକୁ ଖସି ଆସିଛନ୍ତି । ଆଇସିସି ପକ୍ଷରୁ ପ୍ରକାଶିତ ଟ୍ୱେଣ୍ଟି୨୦ ବ୍ୟାଟିଂ ମାନ୍ୟତାରେ ସୂର୍ଯ୍ୟକୁମାର ୧୦ତମ ସ୍ଥାନକୁ ଖସି ଆସିଛନ୍ତି । ସୂର୍ଯ୍ୟକୁମାର ଗୋଟିଏ ସ୍ଥାନ ତଳକୁ ଖସି ୧୦ତମ ସ୍ଥାନରେ ରହିଛନ୍ତି ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ସୂର୍ଯ୍ୟକୁମାର ବିଫଳ ହେବା ପରେ ମାନ୍ୟତାର ଗୋଟିଏ ସ୍ଥାନ ତଳକୁ ଖସି ଆସିଛନ୍ତି । ୨୦୨୩ର ସୂର୍ଯ୍ୟକୁମାର ୯୧୨ ରେଟିଂ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ । ୨୦୨୫ରେ ସୂର୍ଯ୍ୟକୁମାର ୧୮ଟି ଇନିଂସରୁ ୨୧୩ ରନ କରିଛନ୍ତି । ଭାରତୀୟ ଓପନର ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଥିବା ବେଳେ ଇଂଲଣ୍ଡର ଫିଲ ସଲ୍ଟ ଦ୍ୱିତୀୟ,ଶ୍ରୀଲଙ୍କାର ପ୍ରଥୁମ ନିଶଙ୍କା ତୃତୀୟ, ଭାରତୀୟ ବ୍ୟାଟ୍‌ସମ୍ୟାନ ତିଳକ ବର୍ମା ୬ଷ୍ଠରୁ ଚତୁର୍ଥ ସ୍ଥାନକୁ ଉନ୍ନିତ ହୋଇଛନ୍ତି । ତିଳକ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ୩ଟି ମ୍ୟାଚ୍‌ରେ ଗୋଟିଏ ଅର୍ଦ୍ଧଶତକ ସହ ୧୧୪ରନ କରିଛନ୍ତି । ଉକ୍ତ ପ୍ରଦର୍ଶନ ବଳରେ ତିଳକ ମାନ୍ୟତାର ଉପରକୁ ଉନ୍ନୀତ ହୋଇଛନ୍ତି ।

ଇଂଲଣ୍ଡର ଜୋଶ ବଟ୍‌ଲର ପଞ୍ଚମ, ପାକିସ୍ତାନର ସାହିବଜାଦା ଫରହାନ ୬ଷ୍ଠ, ଅଷ୍ଟ୍ରେଲିଆର ଟ୍ରେଭିସ ହେଡ୍ ସପ୍ତମ, ମିଚେଲ ମାର୍ଶ ୮ମ ଓ ନ୍ୟୁଜିଲାଣ୍ଡର ଟିମ୍ ସୈଫଟ ୯ତମ ସ୍ଥାନରେ ରହିଛନ୍ତି । ବୋଲିଂ ମାନ୍ୟତାରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ନ୍ୟୁଜିଲାଣ୍ଡର ଜ୍ୟାକବ ଡୁଫି ଦ୍ୱିତୀୟ, ଆଫଗାନିସ୍ତାନର ରସିଦ ଖାନ ତୃତୀୟ, ପାକିସ୍ତାନର ଅବରାର ଅହମ୍ମଦ ଚତୁର୍ଥ, ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ପଞ୍ଚମ, ଇଂଲଣ୍ଡର ଆଦିଲ ରସିଦ ୬ଷ୍ଠ, ୱେଷ୍ଟଇଣ୍ଡିଜର ଆକେଲ ହୋସେନ ସପ୍ତମ, ବାଂଲାଦେଶର ମୁସ୍ତାଫିଜ୍ୟୁର ରେହମାନ ୮ମ, ଅଷ୍ଟ୍ରେଲିଆର ନାଥନ ଏଲିସ ୯ମ ଓ ଆଡାମ ଜାମ୍ପା ୧୦ତମ ସ୍ଥାନରେ ରହିଛନ୍ତି । ଭାରତୀୟ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହ ୪ଟି ସ୍ଥାନ ଉପରକୁ ଉନ୍ନୀତ ହୋଇ ୧୬ତମ ସ୍ଥାନରେ ରହିଛନ୍ତି । ଅର୍ଶଦୀପ ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାର ପ୍ରଥମ ୩ଟି ମ୍ୟାଚ୍‌ରୁ ୪ଟି ୱିକେଟ ନେଇ ମାନ୍ୟତାର ଉପରକୁ ଉନ୍ନୀତ ହୋଇଛନ୍ତି ।

# ଡେମ୍ବେଲେ, ବୋନମାତିଙ୍କୁ ମିଳିଲା ଏ ବର୍ଷର ଶ୍ରେଷ୍ଠ ଫୁଟବଲର ପୁରସ୍କାର



**ନୂଆଦିଲ୍ଲୀ**

ଫ୍ରାନ୍‌ସ ତଥା ପ୍ୟାରିସ୍ ସେଣ୍ଟ ଜର୍ମାନ ଫରୱାର୍ଡ ଓସୁମେନେ ଡେମ୍ବେଲେ ପୁରୁଷ ଓ ସ୍ପେନ ତଥା ବାର୍ସିଲୋନାର ମିଡଫିଲଡର ଆଇଟାନେ ବୋନମାତି ମହିଳାରେ ଫିଫା ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି । ଦୋହାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଫିଫା ପକ୍ଷରୁ ଡେମ୍ବେଲେ ଓ ବୋନମାତିଙ୍କୁ ଏହି ପୁରସ୍କାର ମିଳିଛି । ୨୮ ବର୍ଷୀୟ ଡେମ୍ବେଲେ ଚମତ୍କାର ପ୍ରଦର୍ଶନ ବଳରେ ପିଏସ୍‌ଜି ପ୍ରଥମ ଥର ପାଇଁ ୨୦୨୫ରେ ଚାମ୍ପିଅନ୍‌ସ ଲିଗ୍ ଚାମ୍ପିଅନ ହୋଇଥିଲା । ଫାଇନାଲରେ ପିଏସ୍‌ଜି ୫-୦ ଗୋଲରେ ଇଣ୍ଟର ମିଲାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଡେମ୍ବେଲେ ଉକ୍ତ ଚମ୍ପିଅନ୍‌ସ ଲିଗ୍‌ରେ ୩୫ଟି ଗୋଲ ଦେଇ ଶ୍ରେଷ୍ଠ ଗୋଲ ସ୍କୋରର ରହିଥିଲେ । ସେହିପରି ବୋନମାତି ୨୦୨୫ ଚାମ୍ପିଅନ୍‌ସ ଲିଗ୍ ଓ ମହିଳା ୟୁରୋରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଚାମ୍ପିଅନ୍‌ସ ଲିଗ୍ ଫାଇନାଲରେ ଭଲ ପ୍ରଦର୍ଶନ କରି ବାର୍ସିଲୋନାକୁ ଚାମ୍ପିଅନ କରାଇଥିଲେ । ସେହିପରି ମହିଳା ୟୁରୋ -୨୦୨୫ରେ ମଧ୍ୟ ସ୍ପେନ ଚାମ୍ପିଅନ ହୋଇଥିଲା । ଏଥିରେ ବୋନମାତି ଭଲ ପ୍ରଦର୍ଶନ କରିଥିଲେ । ଉକ୍ତ ପ୍ରଦର୍ଶନ ବଳରେ ଡେମ୍ବେଲେ ଓ ବୋନମାତି ଫିଫା ୨୦୨୫ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି ।

# ୨୯ରୁ ଅଶୋକ ଦାସ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସ୍ୱାଭିମାନୀ ନେତା ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ୧୬ତମ ଅଶୋକ ଦାସ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ -୨୦୨୫-୨୬ ଚଳିତ ମାସ ୨୯ ତାରିଖ ଠାରୁ ଆରମ୍ଭ ହେଉଛି । ଯାଜପୁର ସହର କୁସୁମା କ୍ରିକେଟ୍ ଗ୍ରାଉଣ୍ଡ ଠାରେ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ଶାନ୍ତି ମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ, ଯାଜପୁର ଦ୍ୱାରା ଆୟୋଜିତ ହେଉଥିବା ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୪ଟି ଓ ବାହାର ରାଜ୍ୟର ୪ଟି କ୍ରିକେଟ୍ ଟିମ୍ ମୋଟ୍ ୮ଟି ଟିମ୍ ଯୋଗଦେବେ । ଏହି ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ କମିଟିର ଉପାଧ୍ୟକ୍ଷ ଜ୍ଞାନଚାନ୍ଦ ଦାସ, ସଂପାଦକ ଅଭୟ ବଲ୍ଲଭ ପଣ୍ଡା, ଅୟସକାନ୍ତ ଧଳ, ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ, ଦିବାକର କର, ଭୂପତି ମିଶ୍ର, ସୁଶାନ୍ତ ସିଂ ପ୍ରମୁଖ ସୂଚନା ପ୍ରଦାନ କରି କହିଲେ ଯେ, ଓଡ଼ିଶା ବାହାର ରାଜ୍ୟର ଝାଡ଼ଖଣ୍ଡ, କଲିକତା, ଭାଇଜାକ୍ ଓ ବନାରସ୍‌ର କ୍ରିକେଟ୍ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଯୋଗ ଦେବେ । ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚ୍ ଆଗାମୀ ଜାନୁୟାରୀ ମାସ ତା ୫.୧.୨୦୨୬ରେ ଅନୁଷ୍ଠିତ ହେବ । ବିଜୟୀ ଦଳକୁ ୫୦ ହଜାର ଓ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

## ଲକ୍ଷ୍ନୌ ଟି-୨୦ ବାତିଲ ଘଟଣା

# ପ୍ରଶଂସକଙ୍କ ଦାବି ପରେ ଟିକେଟ୍ ଟଙ୍କା ଫେରାଇବ ବିସିସିଆଇ



**ଲକ୍ଷ୍ନୌ**

ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି-୨୦ ମ୍ୟାଚ୍ ଦେଖିବା ପାଇଁ ଟିକେଟ୍ କିଣିବାକୁ କିଏ ଗହମ ବିକ୍ରି କରିଥିଲେ ତ ଆଉ କିଏ ନେପାଳରୁ ଲକ୍ଷ୍ନୌ ଆସିଥିଲେ । କିନ୍ତୁ ଘନ କୁହୁଡ଼ି ଯୋଗୁଁ ମ୍ୟାଚ୍ ବାତିଲ ହୋଇଯାଇଥିଲା । ନିରାଶ ଦର୍ଶକମାନେ ସେମାନଙ୍କ ଟିକେଟ୍ ଟଙ୍କା ଫେରାଇବାକୁ ଦାବି କରିଥିଲେ । ଏବେ, ବିସିସିଆଇ ସେମାନଙ୍କ ଟଙ୍କା ଫେରସ୍ତ କରିବ ।

ଡିସେମ୍ବର ୧୭ ତାରିଖରେ ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା । ସନ୍ଧ୍ୟାରୁ ସହର କୁହୁଡ଼ିରେ ଆଚ୍ଛାଦିତ ଥିଲା । ଏହା ସତ୍ତ୍ୱେ, ହଜାର ହଜାର ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ । ହେଲେ ଟସ୍ ହୋଇପାରିଲା ନାହିଁ । ଅମ୍ପାୟାରମାନେ ୬ ଥର ପଡ଼ିଆ ଯାଞ୍ଚ କରିଥିଲେ । ଶେଷରେ, ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ମ୍ୟାଚ୍ ଖେଳାଯାଇପାରିବ ନାହିଁ । ତେଣୁ ଦର୍ଶକମାନଙ୍କୁ ମ୍ୟାଚ୍ ନଦେଖି ଫେରିବାକୁ ପଡ଼ିଲା । ଗୁରୁବାର ଦିନ ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଯେ, ସମସ୍ତ ଅନ୍ତର୍ଜାତୀୟ ମ୍ୟାଚର ବୀମା ହୋଇଥିଲା । ଏହି ବୀମା ରାଜ୍ୟ କ୍ରିକେଟ୍ ସଂଘ ଦ୍ୱାରା କରାଯାଏ । ନିୟମ ଅନୁଯାୟୀ, ମ୍ୟାଚରେ ଗୋଟିଏ ବଲ ପଡ଼ିଲେ ଟଙ୍କା ଫେରସ୍ତ କରାଯିବ ନାହିଁ । ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଟସ୍ ମଧ୍ୟ ହୋଇନଥିଲା । ତେଣୁ ଉତ୍ତର ପ୍ରଦେଶ କ୍ରିକେଟ୍ ସଂଘ ବୀମା କମ୍ପାନୀ ନିକଟରେ ଦାବି କରିବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୭ରୁ ୧୦ ଦିନ ସମୟ ଲାଗିବ । ଟିକେଟ୍ ଅନଲାଇନରେ ବିକ୍ରି ହୋଇଥିଲା, ତେଣୁ ଦର୍ଶକଙ୍କ ସୂଚନା ଉପଲବ୍ଧ । ବୀମା ପେମେଣ୍ଟ ପାଇବା ପରେ, ଟିକେଟ୍ ଅର୍ଥ ସିଧାସଳଖ ଦର୍ଶକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯିବ ।

ମ୍ୟାଚ୍ ବାତିଲ ହେବା ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା । ଜଣେ କ୍ରିକେଟ୍ ପ୍ରଶଂସକ କହିଥିଲେ, 'ମୁଁ ଟିକେଟ୍ କିଣିବା ପାଇଁ ତିନି ବସ୍ତା ଗହମ ବିକ୍ରି କରିଥିଲି । ମୋତେ ମୋର ଟଙ୍କା ଫେରସ୍ତ କର ।' ଆଉ ଜଣେ କ୍ରିକେଟ୍ ପ୍ରଶଂସକ କହିଥିଲେ ଯେ, ସେ ନେପାଳରୁ ମ୍ୟାଚ୍ ଦେଖିବା ପାଇଁ ଲକ୍ଷ୍ନୌ ଆସିଥିଲେ । କିନ୍ତୁ ଏବେ ନିରାଶ ହୋଇ ଫେରୁଛନ୍ତି । କିଛି ଯୁବକ ଟିକେଟ୍ କିଣିବା ପାଇଁ ଦୁଇରୁ ତିନି ମାସ ପାଇଁ ନିଜ ପକେଟ ଟଙ୍କା ସଞ୍ଚୟ କରିଥିଲେ । ଗୋଟିଏ ବି ବଲ ନଖେଳି ମ୍ୟାଚ୍ ବାତିଲ ହେବା ନିରାଶାଜନକ ଥିଲା । ଏହି ଦର୍ଶକମାନେ ସେମାନଙ୍କ ଟିକେଟ୍ ଟଙ୍କା ଫେରସ୍ତ ପାଇଁ ଦାବି କରିଥିଲେ ।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା

# ୨୯ ଖେଳାଳି ରାଜ୍ୟସ୍ତରକୁ ମନୋନୀତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ବର୍ଗରେ ଦୌଡ଼, ଡିଆଁ, ଥ୍ରୋ ଆଦି ପ୍ରତିଯୋଗିତାରୁ ମୋଟ ୨୯ ଜଣ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ସେମାନେ ହେଲେ ନିମସୀ ସମାଦ, ମିତା ଗୋଇପାଇ, ସିନେ ଟୁଡୁ, ସନ୍ଧ୍ୟା ମୁର୍ମୁ, ରାଜେଶ୍ୱରୀ ସିଂ, ବସୁମତୀ ସାୟନ, କମଳିନୀ ମାର୍ଣ୍ଡି, ଦିବ୍ୟାଭାରତୀ ସୋରେନ, ପାପାଲି ସିଂ, ପୂର୍ଣ୍ଣିମା ହେମ୍ବ୍ରମ, ବିନ୍ଦି ସିଂ, ପ୍ରବୀଣ କୁମାର ପଲେଇ, ଆସମାନ ପୂର୍ତ୍ତି, ରାଜେଶ କେରାଇ, ସୌମ୍ୟରଞ୍ଜନ ବେଷ୍ଟକର, ପ୍ରିୟଦର୍ଶନ ହୋ, ରୁଷିକ ଚନ୍ଦ୍ର ବିରୁଆ, ଧାନିରାମ ମୁର୍ମୁ, ପ୍ରେମରାଜ ଟୁଡୁ, ଆୟୁଷ ଗଗରାଇ, ସୁବୁନ ହେମ୍ବ୍ରମ, ହେମନ୍ତ ପୂର୍ତ୍ତି, ରାମଚନ୍ଦ୍ର ହେମ୍ବ୍ରମ, ରାଜ ସୁନାରାମ ମାର୍ଣ୍ଡି, ନିମାଇଁ ମୁର୍ମୁ, ଗଜ ଟୁଡୁ, ଦେବାଶିଷ ସମାଦ, ସୁରାଇ ମାର୍ଣ୍ଡି, ଦଳନ ଚନ୍ଦ୍ର କୁଁଅର ଦେଓ ଓ ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପୂର୍ବତନ କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସୋନପୁର ଲଲୁ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ ଓ ଶାରୀରିକ ଶିକ୍ଷକ ତଥା ସାମ୍ବାଦିକ ସଞ୍ଜୟ କୁମାର ସାହୁ ଯୋଗଦେଇ କ୍ରୀଡ଼ା ଜୀବନକୁ କିପରି ପ୍ରଭାବିତ ଓ ପରିବର୍ତ୍ତନ କରେ ତା' ଉପରେ ବକ୍ତବ୍ୟ ଦେଇଥିଲେ । ପ୍ରଧାନ ଶିକ୍ଷକ ବ୍ରତାନନ୍ଦ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ କବିତା ରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସଂଗୀତା ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାନେତ୍ରୀ ସୀମା ଭେଷରା, ସଂଗୀତା ମହାରଣା ଉର୍ମିଳା ମହାରଣା ସହଯୋଗ କରିଥିଲେ । ୧୦୦ ମିଟର ଦୌଡ଼ ୨୦୦ ମିଟର ଦୌଡ଼, ସଟପୁଟ, ବାଟି ଚାମଚ, ମ୍ୟୁଜିକ୍ ଚେୟାର ଇତ୍ୟାଦି ଖେଳ ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟର ପ୍ରାୟ ୧୩୫ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।



# ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପରାମର୍ଶ-କ୍ରମେ ଜଳେଶ୍ୱର ପୌରାଞ୍ଚଳ ସ୍ଥିତ ଶାନ୍ତିଆ ଷ୍ଟାଡିୟମରେ ଦୁଇ ଦିନିଆ ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ମୁଖ୍ୟ ବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ତଥା ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଯୋଗଦେଇ ୪ଟି ଜୋନ୍‌ରୁ ଆସିଥିବା ଖେଳାଳିମାନଙ୍କୁ ଶୃଙ୍ଖଳିତ ଆଚରଣ ଉଚ୍ଚାରଣ ବିଷୟରେ କହିବା ସହିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସୁଶାନ୍ତ କୁମାର ଜେନା, କ୍ରୀଡ଼ା ସଂଯୋଜକ ତନ୍ମୟ ଚାନ୍ଦ, ସହ ସଂପାଦକ ଦୁର୍ଗାଶଙ୍କର ଜେନା, ବ୍ଲକ ଖେଳ ସଂଯୋଜକ ହରମୋହନ ମହନ୍ତ, ଫାଲଗୁନୀ ପାଣିଗ୍ରାହୀ, ଚନ୍ଦନ ଦାସ, ବିଜୟ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଓ ଖେଳ ସଂଚାଳନ କରିଥିବା ବେଳେ ଖେଳାଳିମାନେ ଶପଥ ପାଠ କରି ଖେଳ ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜ ସେବୀ କାଳି ଚରଣ ଦାସ, ଯୁବ ପ୍ରତିଭା ରାଜେଶ ଖଟୁଆ, ଅନ୍ୟତମ ସଂଗଠନ ପ୍ରେମୀ ବିଶ୍ୱରୂପ ଦାସ, ସଞ୍ଜିବ ସେନାପତି, ଅନୁପ ପ୍ରଧାନ, ମୁକୁନ୍ଦ ଜେନା, ଦେବଯାନୀ ଅଣ୍ଡିଆ, ସୁମତି ରଣା, ସଞ୍ଜିବ ଜେନା ରବୀନ୍ଦ୍ର ଜେନା, ଜିତେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟ କ୍ରମରେ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା ।

# ୨୦୨୬ ଏସୀୟ କ୍ରୀଡ଼ା : ଆୟୋଜକ ଜାପାନର ଅଭିନବ ପ୍ରୟାସ, ଭାସମାନ ଜାହାଜରେ ବିଳାସପୂର୍ଣ୍ଣ କ୍ରୀଡ଼ାଗ୍ରାମ



**ନୂଆଦିଲ୍ଲୀ**

ଜାପାନ ଆୟୋଜନ କରିବ ୨୦୨୬ ଏସୀୟ କ୍ରୀଡ଼ା । ଏହା ଆଇଚି-ନାଗୋୟାରେ ଆୟୋଜିତ ହେବ । ୨୦ତମ ସଂସ୍କରଣକୁ ସ୍ମରଣୀୟ କରିବା ପାଇଁ ଆୟୋଜକ କିଛି ଅଭିନବ ପ୍ରୟାସ କରିଛନ୍ତି । ପ୍ରଥମ ଥର ଏସୀୟ କ୍ରୀଡ଼ା ଇତିହାସରେ କ୍ରୀଡ଼ାବିତ୍‌ଙ୍କ ପାଇଁ ଉଦ୍ଦିଷ୍ଟ କ୍ରୀଡ଼ାଗ୍ରାମ ସ୍ଥଳଭାଗ ପରିବର୍ତ୍ତେ ଜଳଭାଗରେ କରାଯାଇଛି । ଭାସମାନ ଜାହାଜରେ ନିର୍ମାଣ ହୋଇଛି ବିଳାସପୂର୍ଣ୍ଣ କ୍ରୀଡ଼ାଗ୍ରାମ । ଯାହା କ୍ରୀଡ଼ାବିତ୍‌ମାନଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି କୁହାଯାଇଛି ।

ଏହି ଭାସମାନ ବିଳାସପୂର୍ଣ୍ଣ କ୍ରୀଡ଼ାଗ୍ରାମରେ କିଛି କ୍ରୀଡ଼ା ପାଇଁ ସମସ୍ୟା ସୃଷ୍ଟି କରିପାରେ । ତେଣୁ ସୁଟିଂ, ତୀରନ୍ଦାଜୀ ଓ ଭାରୋତ୍ତୋଳନ ଭଳି କ୍ରୀଡ଼ାର କ୍ରୀଡ଼ାବିତ୍‌ମାନଙ୍କୁ ଜାହାଜ ପରିବର୍ତ୍ତେ ଅନ୍ୟତ୍ର ରହଣିର ବ୍ୟବସ୍ଥା କରିବା ପାଇଁ ଭାରତ ଆୟୋଜକଙ୍କୁ ଅନୁରୋଧ ଜଣାଇବ । କାରଣ ଏହିସବୁ ସ୍ଥିର କ୍ରୀଡ଼ାରେ ଭାସମାନ ଜାହାଜରୁ ଓହ୍ଲାଇ ହଠାତ ଇଭେଣ୍ଟରେ ଅଂଶ ଗ୍ରହଣ କରିବାରେ କ୍ରୀଡ଼ାବିତ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ଦୁଇଟି ଭିନ୍ନ ପରିବେଶରେ କ୍ରୀଡ଼ାବିତ୍‌ଙ୍କୁ ଖାପ୍ ଖୁଆଇବାରେ ଅସୁବିଧା ହେବ, ଯାହା ପ୍ରଦର୍ଶନକୁ ମଧ୍ୟ ପ୍ରଭାବିତ କରିବ । ଚଳିତ ମାସ ପ୍ରଥମ ସପ୍ତାହରେ ଏସୀୟ କ୍ରୀଡ଼ାକୁ ନେଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରେ ଏକ ବୈଠକ ବସିଥିଲା । ସ୍ଥିର କ୍ରୀଡ଼ାଗୁଡ଼ିକରେ କ୍ରୀଡ଼ାବିତ୍‌ଙ୍କୁ ଜାହାଜ ପରିବର୍ତ୍ତେ ଅନ୍ୟତ୍ର ରହଣିର ସୁବିଧା କରାଯିବା ନେଇ ଆୟୋଜକଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

୨୦୨୬ ଏସୀୟ କ୍ରୀଡ଼ା ସଂସ୍କରଣ ସେପ୍ଟେମ୍ବର ମାସ ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖରେ ଶେଷ ହେବ । କୋଷ୍ଟା ସେରେନା ନାମକ ଏକ ଜାହାଜକୁ କ୍ରୀଡ଼ାଗ୍ରାମରେ ପରିଣତ କରାଯାଇଛି । ଏଥିରେ ୪୬୦୦ କ୍ରୀଡ଼ାବିତ୍ ଓ ଷ୍ଟାଫ୍ ରହିବାର ବ୍ୟବସ୍ଥା କରାଯାଇଛି । ଏସୀୟ କ୍ରୀଡ଼ାରେ ୪୨ଟି କ୍ରୀଡ଼ାରେ ୪୫ଟି ଦେଶରୁ ୨୪୦୦ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିବେ । ସ୍ଥାୟୀ ପରିବର୍ତ୍ତେ ଜାହାଜରେ ଅସ୍ଥାୟୀ ବିଳାସପୂର୍ଣ୍ଣ କ୍ରୀଡ଼ାଗ୍ରାମ ନିର୍ମାଣ ହୋଇଛି । ସେଠାରେ କ୍ରୀଡ଼ାବିତ୍‌ଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ କରାଯାଇଛି ।

୧୯୫୧ ମସିହା ଠାରୁ ଏ ପର୍ଯ୍ୟନ୍ତ ଭାରତ ଏସୀୟ କ୍ରୀଡ଼ାରେ ମୋଟ୍ ୭୭୯ଟି ପଦକ ଜିତିବାରେ ସଫଳ ହୋଇଛି । ୨୦୨୩ ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ଭାରତକୁ ମୋଟ୍ ୧୦୭ଟି ପଦକ ମିଳିଥିଲା । ଯେଉଁଥିରେ ୨୮ଟି ସ୍ୱର୍ଣ୍ଣ ସାମିଲ ରହିଥିଲା । ଯାହା ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା ।

ଜାପାନ ଏହାକୁ ମିଶାଇ ତୃତୀୟ ଥର ଏସୀୟ କ୍ରୀଡ଼ା ଆୟୋଜନ କରୁଛି । ପୂର୍ବରୁ ୧୯୫୮ ଓ ୧୯୯୪ରେ ଆୟୋଜନ କରିଥିଲା । ଏଥର ମିକ୍ସଡ୍ ମାର୍ଶଲ ଆର୍ଟ (ଏମଏମଏ) ପଦାର୍ପଣ କରିବ । ଏଥିରେ ମୋଟ୍ ୬ଟି ପଦକ ଇଭେଣ୍ଟ ରଖାଯାଇଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଡିସେମ୍ବର ୨୦୨୫ ଶୁକ୍ରବାର





# ପିଲାମାନଙ୍କ ମଧ୍ୟରେ ଅଫୁରନ୍ତ ଆଶା ଓ ଆନନ୍ଦ ଆଣିଦିଏ ସରଗି ଫୁଲ : ଗଣଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆରମ୍ଭ ହୋଇଯାଇଛି ବହୁ ପ୍ରତିକ୍ଷିତ ସରଗି ଫୁଲ୍ ମହୋତ୍ସବ ୨୦୨୫ । ତିନିଦିନବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବର ଶୁଭାରମ୍ଭ କରିଛନ୍ତି ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଆନୁକୁଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଛନ୍ତି । ଅନ୍ୟାନ୍ୟ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି.ପରମେଶ୍ୱରନ୍, , ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀଣା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ସୁଧାକର ଶବର ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପ୍ରତିବର୍ଷ ସର୍ଗିଫୁଲ୍ କାର୍ଯ୍ୟକ୍ରମ ବିଦ୍ୟାଳୟ, ବ୍ଲକ୍, ଜିଲ୍ଲାସ୍ତରରେ କରିବା ପରେ ରାଜ୍ୟସ୍ତରରେ ପାଳନ କରାଯାଇଥାଏ । ୨୦୧୦ ମସିହାରେ ସରଗି ଫୁଲ ମହୋତ୍ସବ ଆରମ୍ଭ ହୋଇଥିଲା । ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ସରଗି ଫୁଲ୍ ମହୋତ୍ସବ ଆରମ୍ଭ । ଚଳିତ ବର୍ଷ ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବିଭାଗୀୟ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୧୧୬୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଚଳିତ ବର୍ଷ ତିନିଦିନବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି । ୪୦ ଟି ସ୍କୁଲରେ ୮୦ ଜଣ ଛାତ୍ରଛାତ୍ରୀ ଓ ୪୦ ଟି ଗାଇଡ୍ ଶିକ୍ଷକ ସାମିଲ୍ ଅଛନ୍ତି । ସେହିପରି ୧୧୨ ଜଣ ଅଂଶଗ୍ରହଣକାରୀଙ୍କୁ ନେଇ ତପୋବନ ଉଚ୍ଚ ବିଦ୍ୟାଳୟରେ ଭଲିବଲ୍ ପ୍ରତିଯୋଗିତା ଆୟୋଜିତ କରାଯିବ । ଏଥିସହ ୧୬ ଟି ପାଭିଲିୟନ୍ ରେ ୨୨ ଟି ପ୍ରତିଯୋଗିତା ଆୟୋଜିତ ହେବ । ଯେଉଁଥିରେ କି ଚିତ୍ରାଙ୍କନ, ସଙ୍ଗୀତ, ଡିବେଟ୍, କୁଇଜ୍, ନୃତ୍ୟ, ସ୍ଲୋଗାନ୍ ଆଦି ପ୍ରତିଯୋଗିତା କରାଯିବ । ଏଥିସହ ୨୭ ଟି କର୍ମଶାଳା ମଧ୍ୟ ଆୟୋଜନ କରାଯିବ । ଯେଉଁଥିରେ କି ଶିଶୁ ସାମ୍ବାଦିକତା, ଗଣିତ ଖେଳ, ମୁରାଲ୍ ଆର୍ଟ, କଣ୍ଢେଇ ଖେଳ, ଷ୍ଟୋରିଟେଲିଂ, ଗ୍ଲାସ୍ ପେଣ୍ଟିଂ, ଛଉ, ପୋଷ୍ଟର ମେକିଂ, ଚିତ୍ରାଙ୍କନ ଆଦି ଆୟୋଜିତ ହେବ ।

# କେନିଆରେ ପରିବହନ ପ୍ରକଳ୍ପ ପାଇଁ ପାୱାରଗ୍ରୀଡ୍ ଓ ଆଫ୍ରିକା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

**ଗୁରୁଗ୍ରାମ:**
କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ମହାରତ୍ନ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ, ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରୀଡ୍), ଆଫ୍ରିକା ୫୦ ସହିତ ସହଭାଗୀତାରେ କେନିଆରେ ଗୁରୁତ୍ୱପୂର୍ଣ୍ଣ ପରିବହନ ଭିତ୍ତିଭୂମି ବିକାଶ ପାଇଁ ଏକ ସାର୍ବଜନୀନ-ବେସରକାରୀ ସହଭାଗୀତା (ପିପିପି) ପ୍ରକଳ୍ପ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହି ପ୍ରକଳ୍ପ ୪୦୦ କେଭି ଲେସୋସ୍-ଲୋସୁକ୍ ଏବଂ ୨୨୦ କେଭି କିସୁମୁ-କାକାମେଗା-ମୁସାଗା ପରିବହନ ପ୍ରଣାଳୀ ବିକଶିତ କରିବ । ଏହି ପ୍ରକଳ୍ପ ପାଇଁ ରିହାତି ଚୁକ୍ତିନାମା ୩୦ ବର୍ଷ ହେବ । ପାୱାରଗ୍ରୀଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଆର.କେ. ତ୍ୟାଗୀ, ନିର୍ଦ୍ଦେଶକ (କାର୍ମିକ) ଡକ୍ଟର ଯତୀନ୍ଦ୍ର ଦ୍ୱିବେଦୀ ଏବଂ ସିଓଓ (ଆଇବି) ସଞ୍ଜୟ କୁମାର ଗୁପ୍ତାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ କେନିଆ ସରକାରଙ୍କ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ, ଯେଉଁଥିରେ ଶକ୍ତି ବିଭାଗର ପ୍ରମୁଖ ସଚିବ ଆଲେକ୍ସ କାମାଉ ୱାଚିରା, ସିବିଏସ; ଜାତୀୟ କୋଷାଗାରର ପ୍ରମୁଖ ସଚିବ ଡକ୍ଟର କ୍ରିସ୍ କେ. କିପ୍ଟୁ, ସିବିଏସ; ଇଞ୍ଜିନିୟର କିପକେମୋଇ କିବିଆସ୍, କାର୍ଯ୍ୟନିର୍ବାହୀ ପରିଚାଳନା ନିର୍ଦ୍ଦେଶକ; ଏବଂ ଇଞ୍ଜିନିୟର କେଫା ସେଡା, ମହାନିର୍ଦ୍ଦେଶକ - ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ନିର୍ଦ୍ଦେଶାଳୟ । ଏହି ପ୍ରକଳ୍ପ ହେଉଛି ଆଫ୍ରିକାର ପ୍ରଥମ ସ୍ୱାଧୀନ ପରିବହନ ପ୍ରକଳ୍ପ ।

# ଖୋର୍ଦ୍ଧା ରୋଡ୍-ପୁରୀ ରେଳ ସେକ୍ସନରେ ଡବଲ୍ ଡିଷ୍ଟାଣ୍ଟ ସିଗନାଲିଙ୍ଗ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ମଞ୍ଜୁରିପ୍ରାପ୍ତ ଏକ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା ଓ କ୍ଷମତା ବୃଦ୍ଧି ପ୍ରକଳ୍ପ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ରେଳ ସେକ୍ସନରେ ଡବଲ୍ ଡିଷ୍ଟାଣ୍ଟ ସିଗ୍ନାଲିଙ୍ଗ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ସାଧନ କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା, କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରେଳ କରିଡରରେ ଅଧିକ ଅନୁମୋଦିତ ଟ୍ରେନ୍ ଗତି ସକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ୧୩୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ସେକ୍ସନାଲ୍ ବେଗ ବୃଦ୍ଧି କରିବା ପାଇଁ ଡବଲ୍ ଡିଷ୍ଟାଣ୍ଟ ସିଗ୍ନାଲିଙ୍ଗ ସିଷ୍ଟମ କାର୍ଯ୍ୟକାରୀ କରାଯାଉଛି । ଲୋକୋମୋଟିଭ୍ ପାଇଲଟ୍ ମାନଙ୍କୁ ଆଗୁଆ ସିଗନାଲ ସୂଚନା ପ୍ରଦାନ କରି, ଡବଲ୍ ଡିଷ୍ଟାଣ୍ଟ ସିଗ୍ନାଲିଙ୍ଗ ପ୍ରଣାଳୀ ସିଗନାଲ ଦିଗଗୁଡ଼ିକର ଭଲ ପୂର୍ବାନୁମାନ, ସୁଗମ ଗତି ନିୟନ୍ତ୍ରଣ ଏବଂ ସୁରକ୍ଷିତ ହାଇ-ସ୍ପିଡ୍ ଟ୍ରେନ୍ ପରିଚାଳନାକୁ ଅନୁମତି ଦେଇଥାଏ । ଖୋର୍ଦ୍ଧା ରୋଡ୍-ପୁରୀ ଭଳି ବ୍ୟସ୍ତ ବହୁଳ ଯାତ୍ରୀ ଏବଂ ତୀର୍ଥଯାତ୍ରୀ ମାର୍ଗରେ ଏହି କାର୍ଯ୍ୟ ବିଶେଷ ଭାବେ ଉପଯୋଗୀ ହୋଇପାରିବ । ପ୍ରକଳ୍ପର ସିଗ୍ନାଲିଙ୍ଗ ଓ ଟେଲିକମ୍ୟୁନିକେସନ୍ ଉପାଦାନ ଅନ୍ତର୍ଗତ ଏହି ସେକ୍ସନରେ ୦୮ଟି ଷ୍ଟେସନ, ୧୦ଟି ଲେଭଲ୍ କ୍ରସିଂ ଗେଟ୍ ଏବଂ ଗୋଟିଏ ମଧ୍ୟବର୍ତ୍ତୀ ବ୍ଲକ୍ ହଟ୍ କୁ ଆବର୍ତ୍ତିତ କରି ବ୍ୟାପକ ଉନ୍ନତିକରଣ କାର୍ଯ୍ୟ କରାଯାଇଛି । ସିଷ୍ଟମ୍ ଇଣ୍ଟିଗ୍ରେସନ୍‌ର ଅଂଶ ଭାବେ ପ୍ରମୁଖ ସିଗ୍ନାଲିଂ ପରିବର୍ତ୍ତନ କରାଯାଇଛି ଯାହା ଅନ୍ତର୍ଗତ ହରିପୁରଗ୍ରାମ, ସଖିଗୋପାଳ, ବୀରପୁରୁଷୋତ୍ତମପୁର, ଡେଲାଙ୍ଗ, ମାଳତୀପାଟପୁର ଓ ପୁରୀ ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପରିବର୍ତ୍ତନ, ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ରୁଟ୍ ରିଲେ ଇଣ୍ଟରଲକିଂ ପରିବର୍ତ୍ତନ ଏବଂ ମୋଟାରି ଷ୍ଟେସନରେ ପ୍ୟାନେଲ୍ ଇଣ୍ଟରଲକିଂ ପରିବର୍ତ୍ତନ ସମ୍ମିଳିତ ଅଛି । ଉନ୍ନତ ସିଗ୍ନାଲିଙ୍ଗ ଆର୍କିଟେକ୍ଚରକୁ ନିରାପଦ ଓ ନିର୍ବିଘ୍ନ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ସିଷ୍ଟମ୍ ଇଣ୍ଟିଗ୍ରେସନ୍ ଯୋଜନାକୁ ଯଥାଯଥ ଭାବେ ଅନୁମୋଦନ କରାଯାଇଛି । ନଭେମ୍ବର ୨୦୨୪ ରେ ଟେଣ୍ଡର ପ୍ରଦାନ ପରଠାରୁ, ପ୍ରକଳ୍ପରେ ଯଥେଷ୍ଟ ଅଗ୍ରଗତି ରେକର୍ଡ କରାଯାଇଛି । ସେକ୍ସନରେ କେପି-୫, କେପି-୯ ଏବଂ କେପି-୧୧ରେ ତିନୋଟି ଲେଭଲ୍ କ୍ରସିଂ ଗେଟ୍ ସହିତ, ଖୋର୍ଦ୍ଧା ରୋଡ୍, ହରିପୁରଗ୍ରାମ, ମୋଟାରି ଏବଂ ଡେଲାଙ୍ଗ ଷ୍ଟେସନରେ କାର୍ଯ୍ୟକ୍ଷମ ଦିନ ଧାର୍ଯ୍ୟ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି । ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନରେ ସମ୍ପୂର୍ଣ୍ଣ ଡବଲ୍ ଡିଷ୍ଟାଣ୍ଟ ସିଗ୍ନାଲିଙ୍ଗ କାର୍ଯ୍ୟ ଜାନୁଆରୀ ୨୦୨୬ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନଗୁଡ଼ିକ ୧୩୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ବର୍ଦ୍ଧିତ ବେଗରେ ସୁରକ୍ଷିତ ଭାବରେ ଚଳାଚଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଅଛି ଯାହା ଫଳରେ ଟ୍ରେନ ଯାତ୍ରା ସମୟ ହ୍ରାସ ପାଇବ, ସମୟାନୁବର୍ତ୍ତୀତାରେ ଉନ୍ନତି ଆସିବ ଏବଂ ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇବ ।



# ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ପ୍ରକ୍ରିୟାରେ ସାମିଲ ପାଇଁ ଯୋଗାଣ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବର୍ତ୍ତମାନ ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଏହାକୁ ଶୃଙ୍ଖଳିତ ଓ ସୁସଂଗଠିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରସ୍ତୁତି, ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀମାନେ ଯୋଗ ଦେଇଥିଲେ ।

ବୈଠକ ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ରାଜ୍ୟରେ ଧାନକିଣା ସମ୍ପର୍କରେ ଅବଗତ କରାଇଥିଲେ । ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ଓ ଟୋକନ ପ୍ରଦାନ ଉପରେ ବୈଠକରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି । ପର୍ଯ୍ୟାୟକ୍ରମେ ସ୍ଥାନୀୟ ଜିଲ୍ଲା ପ୍ରଶାସନର ନିଷ୍ପତି ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ କରାଯିବ । ଏତଦ୍‌ବ୍ୟତୀତ ପିସି-ସାପ୍ ଆପ୍ ମାଧ୍ୟମରେ ମଣ୍ଡିରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଅପ୍‌ଲୋଡ୍ କରିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । କୌଣସି ଯୋଗ୍ୟ ଚାଷୀ ଯେଭଳି ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି ଏହା ଉପରେ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ ସିସିଟିଭି ବ୍ୟବସ୍ଥା କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଏଥିସହ ମଣ୍ଡି ନୋଡାଲ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀ ନିୟୋଜିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ କୁହାଯାଇଛି । ସେହିଭଳି ମଣ୍ଡି ମନିଟରିଂ ସିଷ୍ଟମ୍ ଆପ୍ ବ୍ୟବହାର କରି ସଂପୃକ୍ତ ତଥ୍ୟ ଉପଲବ୍ଧ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ବାହାର ରାଜ୍ୟର ଧାନ ଯେଭଳି ରାଜ୍ୟ ମଧ୍ୟକୁ ନ ଆସେ ସୀମାନ୍ତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖାଯାଉଛି । ମଣ୍ଡିରୁ ମିଲ୍ କୁ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିବାର ବ୍ୟବସ୍ଥା କରାଯାଇଛି ।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅମୀୟ କୁମାର ଖିଲାର ଏସଏନଇଏର ସର୍ବଭାରତୀୟ ଉପଦେଷ୍ଟା ଭାବେ ନିର୍ବାଚିତ




**ଅହମ୍ମଦାବାଦ:**
ସଞ୍ଚାର ନିଗମ ଏକ୍ଜିକ୍ୟୁଟିଭ୍ସ ଆସୋସିଏସନ୍ (ଏସଏନଇଏ), ଓଡ଼ିଶା ସର୍କଲର ଅଗ୍ରଣୀ କାର୍ଯ୍ୟକର୍ତ୍ତା ଅମୀୟ କୁମାର ଖିଲାରଙ୍କୁ ଏସଏନଇଏ, ନୂଆଦିଲ୍ଲୀର ସର୍ବଭାରତୀୟ କେନ୍ଦ୍ରୀୟ ମୁଖ୍ୟାଳୟ (ସିଏଚକ୍ୟୁ) ଉପଦେଷ୍ଟା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି । ଏହି ନିର୍ବାଚନ ଏସଏନଇଏ ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି (ସିଡବ୍ଲୁସି) ସଭାରେ ୧୩ ଡିସେମ୍ବର ଠାରୁ ୧୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅହମ୍ମଦାବାଦ, ଗୁଜରାଟରେ ଆୟୋଜିତ ହୋଇଥିଲା । ଶ୍ରୀ ଖିଲାର ତାଙ୍କର ସଚ୍ଚୋଟତା, ନିଷ୍ଠା ଏବଂ ସଂଗଠନ ପ୍ରତି ସମର୍ପଣ ଓ ସୁଦୃଢ଼ ନେତୃତ୍ୱ ଗୁଣ ପାଇଁ ସମଗ୍ର ଦେଶର ପ୍ରତିନିଧିମାନଙ୍କ ମଧ୍ୟରେ ବିଶେଷ ସ୍ୱୀକୃତି ଲାଭ କରିଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ ଆୟୋଜିତ

# କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରିବା ହେଉଛି ଆମର ଲକ୍ଷ୍ୟ : ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି ଉତ୍କଳ ବିଶ୍ୱ ବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ 'ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଡିସେମ୍ବର ୧୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀର ଆୟୋଜନ କରାଯିବ । ଏହି ଛାତ୍ର ବିଶ୍ୱ ସମ୍ମିଳନୀର ଥିମ୍ ରହିଛି 'କୃତ୍ରିମ ବୁଦ୍ଧିମତା ଓ ଏହାର ନୈତିକତା' ।

ଏହି ସମ୍ମିଳନୀରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ବିଭିନ୍ନ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସମେତ ଅଧ୍ୟାପକ, ଶିକ୍ଷାବିତ୍, ଗବେଷକ, ଷ୍ଟାର୍ଟଅପ୍ ଫାଉଣ୍ଡର, ବିଭିନ୍ନ କର୍ପୋରେଟ୍ କମ୍ପାନୀରେ କାମ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ, ଦେଶ ବାହାରର ଆଇଟି ଏବଂ ଏଆଇ (କୃତ୍ରିମ ବୁଦ୍ଧିମତା) କମ୍ପାନୀରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷ, ଆଇଆଇଟି ଏବଂ ଏମ୍ସରେ କାର୍ଯ୍ୟରତ ପ୍ରଫେସର ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି । ଗୁରୁବାର ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'କୃତ୍ରିମ ବୁଦ୍ଧିମତା ହେଉଛି ଭବିଷ୍ୟତ । କୃତ୍ରିମ ବୁଦ୍ଧିମତା ମନୁଷ୍ୟକୃତ । ମଣିଷ ହିଁ ଏହାକୁ ତିଆରି କରିଛି, ବ୍ୟବହାର କରୁଛି ଏବଂ ଆଗାମୀ ଭବିଷ୍ୟତରେ ଏହାର ବ୍ୟବହାର ଓ ଏହାକୁ କିପରି ସଦଉପଯୋଗ କରାଯାଇ ପାରିବ ତାହାକୁ ନେଇ ଏହି ଛାତ୍ର ବିଶ୍ୱ ସମ୍ମିଳନୀର ଆୟୋଜନ ହୋଇଛି । ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା ଓ ଏହାର ନୈତିକତା, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ, ସାଇବର ସିକ୍ୟୁରିଟି, କୃତ୍ରିମ ବୁଦ୍ଧିମତା ଉପରେ ଆଧାରିତ ନୂତନ ଉଦ୍ଭାବନ,କୃତ୍ରିମ ବୁଦ୍ଧିମତାକୁ ଆଧାର କରି ନିର୍ମିତ ହୋଇଥିବା ଷ୍ଟାର୍ଟଅପ୍ ଆଦି ସମ୍ବନ୍ଧରେ ଆଲୋଚନା କରାଯିବ । ଛାତ୍ରଛାତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିବା ସହ କୃତ୍ରିମ ବୁଦ୍ଧିମତା ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ନିଜର ଲିଖିତ ବିଷୟବସ୍ତୁକୁ ମଧ୍ୟ ଉପସ୍ଥାପିତ କରିପାରିବେ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ଚୟନିତ ହୋଇଥିବା ବିଷୟବସ୍ତୁ (ଟେକନିକାଲ ରାଇଟଅପ୍)କୁ ଉତ୍କଳ ୟୁନିଭର୍ସିଟି ଜରନାଲ ଅଫ୍ କମ୍ପ୍ୟୁଟିଙ୍ଗ ଆଣ୍ଡ କମ୍ୟୁନିକେସନ୍ ରେ ସ୍ଥାନିତ କରାଯିବ' ।

'ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ । ବିକଶିତ ଭାରତ ଓ ବିକଶିତ ଓଡ଼ିଶା ନିର୍ମାଣର ଆଧାର । ୨୦୪୭ ମସିହାରେ ଆମେ ଦେଶ ସ୍ୱାଧୀନ ହେବାର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବା । ତେଣୁ ଏହି ଅମୃତ ପିଢ଼ିର ନେତୃତ୍ୱ ନେବା ସହିତ ଆମ ଛାତ୍ରଛାତ୍ରୀମାନେ ଆମ ସମୃଦ୍ଧ ଇତିହାସ ଓ ଐତିହ୍ୟରୁ ଅନୁପ୍ରାଣିତ ହୋଇ ଆଗାମୀ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତା ଓ ନୂତନ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ଉଦ୍ୟୋଗ ନିର୍ମାଣ, ଗବେଷଣା ଓ ନୂତନ ଉଦ୍ଭାବନ ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ମୋର ବିଶ୍ୱାସ । ଏଥିସହ କୃତ୍ରିମ ବୁଦ୍ଧିମତାକୁ ଉପଯୋଗ କରି ଓଡ଼ିଶାକୁ ଓ ଭାରତକୁ ଏକ ଟେକନିକାଲ ହବ୍ ଓ ଷ୍ଟାର୍ଟଅପ୍ ହବ୍ ରେ ପରିଣତ କରାଯାଇ ପାରିବ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ରୂପେ ଯୋଗଦାନ ଦେବେ', ବୋଲି ମତପ୍ରକାଶ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ର ବିଶ୍ୱ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ସହ 'ଯୁବ ସ୍ୱଦେଶୀ ନବ ପ୍ରଚାର ପ୍ରଦର୍ଶନୀ'କୁ ମଧ୍ୟ ବୁଲି ଦେଖିଥିଲେ । ଏହି ପ୍ରଦର୍ଶନୀରେ ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । କୃତ୍ରିମ ବୁଦ୍ଧିମତା ଓ ପ୍ରଯୁକ୍ତିବିଦ୍ୟାକୁ ଆଧାର କରି ଛାତ୍ରଛାତ୍ରୀମାନଙ୍କର ଉଦ୍ଭାବନ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଏହି ପ୍ରଦର୍ଶନୀରେ ସ୍ଥାନିତ କରାଯାଇଛି ଯାହାକୁ ଦେଖି ମନ୍ତ୍ରୀ ଶ୍ରୀ ସୂରଜ ଖୁସି ବ୍ୟକ୍ତ କରିଥିଲେ । ଏଥିସହ ମନ୍ତ୍ରୀ କୃତ୍ରିମ ବୁଦ୍ଧିମତା ଏବଂ ବର୍ତ୍ତମାନ ସମୟର ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ ।

ପ୍ରକାଶଯୋଗ୍ୟ ଯେ, ଯୁବ ସ୍ୱଦେଶୀ ନବ ପ୍ରଚାର ପ୍ରଦର୍ଶନୀର ସର୍ବଶ୍ରେଷ୍ଠ ୫ଟି ନବସୃଜନ ପ୍ରକଳ୍ପକୁ ସମୁଦାୟ ୧ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ।

ଆଜିର ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ରିପବ୍ଲିକ ଅଫ କୋରିଆର ଇଞ୍ଚୋ ବିଶ୍ୱବିଦ୍ୟାଳୟର କଲେଜ ଅଫ୍ ଏଆଇ କନଭରଜେନ୍ସର ପ୍ରଫେସର ହି-ଚେଓଲ-କିମ୍ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ବିଶେଷତା ଓ ଏହାର ଉପଯୋଗିତା ଉପରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ଆଜିର କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ସ୍ୱାତୀ ମିଶ୍ର, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀ ପ୍ରଦୀପ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର କାର୍ଯ୍ୟକ୍ଷେତ୍ରରେ ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍‌ରେ ଅନ୍-ସାଇଟ୍ ଜରୁରୀକାଳୀନ ଯୋଜନା ସକ୍ରିୟ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ଗୁରୁବାର ଅନ୍-ସାଇଟ୍ ଜରୁରୀକାଳୀନ ଯୋଜନାକୁ ସକ୍ରିୟ କରିବା ସମୟରେ ଏକ ଉଚ୍ଚ ବୃତ୍ତିଗତ ମକ୍ ଡ୍ରିଲ୍ କରାଯାଇଥିଲା, ଯାହା ଦ୍ୱାରା ସିଷ୍ଟମର ପ୍ରଭାବଶାଳୀତା ଯାଞ୍ଚ କରାଯାଇପାରିବ । ଡ୍ରିଲ୍‌ର ଉଦ୍ଦେଶ୍ୟ ଥିଲା ଗରମ ଧାତୁ ସ୍ପିଲେଜ୍ ଯୋଗୁଁ ଅଗ୍ନିକାଣ୍ଡ ଏବଂ ଆଘାତର ଅନୁକରଣ ଏବଂ ପ୍ଲାଣ୍ଟର ଜରୁରୀକାଳୀନ ପ୍ରସ୍ତୁତି ଯାଞ୍ଚ କରିବା ।

ମୁଖ୍ୟ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରେ କାରଖାନା ଏବଂ ବଏଲରର ଉପ-ନିର୍ଦ୍ଦେଶକ ସ୍ୱରୂପ ଜେନା, କାରଖାନା ଏବଂ ବଏଲରର ସହାୟକ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ଏବଂ ବେଦାନ୍ତ, ରୁଙ୍ଗଟା ଷ୍ଟିଲ୍, ଏସାର ଶିଳ୍ପ, ଓଡ଼ିଶା ଷ୍ଟିଲ୍ସ ଭଳି ନିକଟବର୍ତ୍ତୀ ଶିଳ୍ପର ପ୍ରତିନିଧିମାନେ ସୁରକ୍ଷା ସହଯୋଗୀ ଏବଂ ପାରସ୍ପରିକ ସହାୟତା ଯୋଜନାର ଅଂଶ ଭାବରେ ଏହି ଡ୍ରିଲ୍ ଦେଖିବା ପାଇଁ ସାମିଲ ଥିଲେ । ମକ୍ ଡ୍ରିଲ୍ ସମସ୍ତ ଦଳ ମଧ୍ୟରେ ଅନୁକରଣୀୟ ସମନ୍ୱୟ ପ୍ରଦର୍ଶନ କରିଥିଲେ । ଯାହା ସମୟୋଚିତ ଅଗ୍ନି ନିୟନ୍ତ୍ରଣ ଏବଂ ସିମୁଲେଟେଡ୍ ଆହତଙ୍କୁ ଶୀଘ୍ର ସ୍ଥାନାନ୍ତର କରିଥାଏ । ଡ୍ରିଲ୍‌ର ସଫଳତା କର୍ମଚାରୀ, ଯନ୍ତ୍ରପାତି ଏବଂ ଆଖପାଖ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରି ଜରୁରୀକାଳୀନ ପରିସ୍ଥିତିକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍‌ର ପ୍ରସ୍ତୁତିକୁ ସ୍ପଷ୍ଟ ଭାବରେ ଦର୍ଶାଏ ।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**
ଜଣେ ନାବାଳିକାଙ୍କୁ ଅପହରଣ କରିନେବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଶକ୍ତି ମଲ୍ଲିକ । ଯୁବକଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ପଥରପେଣ୍ଠ ଅଞ୍ଚଳରେ । ନାବାଳିକାଙ୍କୁ ପ୍ରେମ କରିବା ଓ ପରେ ଅପହରଣ କରିନେବା ଅଭିଯୋଗରେ ବାରଙ୍ଗ ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଚଳିତ ମାସ ୧ ତାରିଖରେ ଅଭିଯୋଗ ହୋଇଥିଲା । ବାରଙ୍ଗ ଥାନା ପୋଲିସ କେସ ନଂ ୬୭୨/୨୫ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି ପୋଲିସ ।







**ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ**
(ଭାରତ ସରକାରଙ୍କ ଏକ ସାମ୍ବିଧାନିକ ସଂସ୍ଥା)
ନେଲସନ ମାଣ୍ଡେଲା ମାର୍ଗ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ - 110070
ଫୋନ୍ ନମ୍ବର: 011-2958-1000/1050, 011-29581515
ୱେବସାଇଟ୍: www.aicte.gov.in

**ସାର୍ବଜନୀନ ସୂଚନା**

2026-27 ଶିକ୍ଷାବର୍ଷ ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକ ପାଇଁ ଆବେଦନ ଆମନ୍ତ୍ରିତ କରାଯାଉଛି:
୧. ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରବନ୍ଧନ, କମ୍ପ୍ୟୁଟର ପ୍ରୟୋଗ, ପ୍ରୟୋଗାତ୍ମକ କଳା ଏବଂ ହସ୍ତଶିଳ୍ପ, ହୋଟେଲ ପରିଚାଳନା ଏବଂ କ୍ୟାଟରିଂ ପ୍ରଯୁକ୍ତିବିଦ୍ୟା (HMCT), ଡିଜାଇନ୍ ଏବଂ ଯୋଜନା କ୍ଷେତ୍ରରେ ସମସ୍ତ ସ୍ତରରେ ନୂତନ ବୈଷୟିକ ପ୍ରତିଷ୍ଠାନ ସ୍ଥାପନ ପାଇଁ ।
୨. ଏକାକୀ ବୈଷୟିକ ପ୍ରତିଷ୍ଠାନ, ଡିମ୍‌ଡ ବିଶ୍ୱବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ (କେନ୍ଦ୍ର/ରାଜ୍ୟ/ବେସରକାରୀ) ପାଇଁ ଅନୁମୋଦନର ସମ୍ପ୍ରସାରଣ ।
୩. ଏକାକୀ ପ୍ରତିଷ୍ଠାନ କିମ୍ବା ଡିମ୍‌ଡ ବିଶ୍ୱବିଦ୍ୟାଳୟ ପାଇଁ ପରିଚାଳନା ଏବଂ କମ୍ପ୍ୟୁଟର ପ୍ରୟୋଗରେ ଖୋଲା ଏବଂ ଦୂର ଶିକ୍ଷା (ODL) କିମ୍ବା ଅନଲାଇନ୍ ମୋଡ୍ କାର୍ଯ୍ୟକ୍ରମ ।

ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଆବେଦନଗୁଡ଼ିକ AICTE ୱେବ୍ ପୋର୍ଟାଲରେ ଅନଲାଇନ୍ ଦାଖଲ ପାଇଁ ୨୮ ନଭେମ୍ବର, ୨୦୨୫ରୁ ଲାଇଭ୍ ଉପଲବ୍ଧ । ଆବେଦନକାରୀମାନଙ୍କୁ AICTE ଅନୁମୋଦନ ପ୍ରକ୍ରିୟା ହ୍ୟାଣ୍ଡବୁକ୍ (APH) ୨୦୨୪-୨୫ ରୁ ୨୦୨୬-୨୭ ଏବଂ ସମୟ ସମୟରେ ଜାରି ହୋଇଥିବା ସଂଶୋଧନଗୁଡ଼ିକୁ ଭଲଭାବରେ ଅଧ୍ୟୟନ କରିବାକୁ ପରାମର୍ଶ ଦିଆଯାଇଛି, ଯାହା AICTE ପୋର୍ଟାଲ୍ www.aicte.gov.inରେ ଉପଲବ୍ଧ ।

ଆବେଦନ ଦାଖଲ ପାଇଁ ବିସ୍ତୃତ ବିବରଣୀ ଏବଂ ସମୟସୀମା www.aicte.gov.inରେ ଉପଲବ୍ଧ ।

ଟିପ୍ପଣୀ: ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଯେଉଁମାନେ ବୈଷୟିକ କାର୍ଯ୍ୟକ୍ରମ ପ୍ରଦାନ କରୁଛନ୍ତି କିମ୍ବା କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅନୁମୋଦନ ପ୍ରକ୍ରିୟା ସହିତ ଜଡିତ ଅଦ୍ୟତନ ସୂଚନା, ସାଧାରଣ ନୋଟିସ୍ ଏବଂ ସରକାରୀ ଯୋଗାଯୋଗ ପାଇଁ AICTE ୱେବସାଇଟ୍ www.aicte.gov.inରେ 'ହୋମ୍-ଶୀଘ୍ର ଲିଙ୍କ୍ : ଅନୁମୋଦନ ପ୍ରକ୍ରିୟା ୨୦୨୬-୨୭' ନିୟମିତ ଭାବରେ ପରିଦର୍ଶନ କରନ୍ତୁ ।

(ପ୍ରଫେସର ଶ୍ୟାମା ରଥ)
ସଦସ୍ୟ ସଚିବ

ବିଜ୍ଞାପନ ସଂଖ୍ୟା: ନିୟନ୍ତ୍ରଣ ବ୍ୟୁରୋ/AICTE/12(02)/2025

cbc-21300/12/0015/2526


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆବର୍ଷରୁ ...

ହାତେଇଥିଲେ ସେମାନଙ୍କୁ ନିଜ ଆଡ଼ୁ କାର୍ଡ ଫେରାଇ ଦେବାକୁ କୁହାଯାଇଥିଲା । ଗୋଟିଏ ମାସ ପୂର୍ବରୁ ରାଜ୍ୟରେ ୧୫ଲକ୍ଷରୁ ଅଧିକ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ନଜରକୁ ଆସିଥିଲା । ତେବେ ଚଳିତମାସ ୩୧ତାରିଖ ପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟା ଜାରି ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

### ପୁନର୍ବିଚାର ପାଇଁ ...

ତାହାକୁ ଅପେକ୍ଷା କରାଯାଇଛି । ତେବେ ଯାହା ରାଜନୈତିକ ମହଲରେ ଆଲୋଚନା ହେଉଛି ସରକାର ବିଧାୟକମାନଙ୍କ ବର୍ଦ୍ଧିତ ଦରମା କମାଇବେ ।

ଏହି ପ୍ରସଙ୍ଗରେ ଏବେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି ।

### ଖୁବ୍ ଶୀଘ୍ର ...

ବୋଲି ମୋକିମ୍ କହିଛନ୍ତି ।

ପୂର୍ବତନ ବିଧାୟକ ମୋକିମ୍ ଗୁରୁବାର ଭୁବନେଶ୍ୱର ଠାରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭେଟି ଆଲୋଚନା କରିଛନ୍ତି । ତେବେ ଏହି ଆଲୋଚନା ଘରୋଇ ବୋଲି ମୋକିମ୍ ଗଣମାଧ୍ୟମରେ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି ।

### ଘାରିଲାଣି କାଠ...

ସରକାର ପର୍ଯ୍ୟାପ୍ତ ପରିମାଣର କାଠ ଯୋଗାଇବା ସହ ପିଣ୍ଡି ସଂଖ୍ୟା ବଢ଼ାଇବାକୁ ହେଲେ ସ୍ୱର୍ଗଦ୍ୱାର ସଂପ୍ରସାରଣର ଆବଶ୍ୟକତା ରହିଛି । ହରିଶ୍ଚନ୍ଦ୍ର ଯୋଜନାରେ ଶବ ପିଛା ୧.୮୦ କ୍ୱିଣ୍ଟାଲ କାଠ ଯୋଗାଇ ଦିଆଯାଉଛି । ଏବେ ଶବ ସଂଖ୍ୟା ୧୩୦ ଅତିକ୍ରମ କରୁଥିବାରୁ ୨୦୦ କ୍ୱିଣ୍ଟାଲ୍‌ରୁ ଅଧିକ କାଠର ଆବଶ୍ୟକତା ପଡୁଛି । ଏହା କେବଳ ହରିଶ୍ଚନ୍ଦ୍ର ଯୋଜନା ହିସାବ । ହରିଶ୍ଚନ୍ଦ୍ର ଯୋଜନା ବାଦ୍ ନିଜସ୍ୱ ଖର୍ଚ୍ଚରେ ହେଉଥିବା ଶବଦାହ ପାଇଁ କାଠକୁ ହିସାବ କଲେ ପରିମାଣ ଆହୁରି ବଢ଼ିଯିବ ।

ଅନ୍ୟପଟେ କାଠର ଅଭାବକୁ ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖା ହୋଇଥିବା କହିଛନ୍ତି ଓଏଫଡ଼ିସି ଅଧିକାରୀ । ତେବେ ଅଳ୍ପ କିଛି ଦିନ ପାଇଁ ଇଲେକ୍ଟ୍ରି ଚୁଲା ବ୍ୟବସ୍ଥା ଆରମ୍ଭ ହୋଇଥିଲେ ବି ସେଥିପ୍ରତି ଲୋକେ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ତେଣୁ କାଠର ଚୋରାଚାଲାଣ ରୋକିବା ସହ ଜଙ୍ଗଲ ସୃଷ୍ଟି କଲେ ସ୍ୱର୍ଗଦ୍ୱାରରେ କାଠର ଅଭାବ ରହିବ ନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି ।

ଭୁବନେଶ୍ୱର
୧୯ ଡିସେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# 'ରେରା' ସଂଶୋଧିତ ଆଇନକୁ ଚାଲେଞ୍ଜ୍ : ଜାନୁଆରୀ ତୃତୀୟ ସପ୍ତାହରେ ଚୂଡ଼ାନ୍ତ ଶୁଣାଣି



**କଟକ,୧୮/୧୨ ନ୍ୟୁଜ ବ୍ୟୁରୋ**
ରିଅଲ୍ ଇଷ୍ଟେଟ୍ ଡେଭଲପ୍‌ମେଣ୍ଟ ଅଥରିଟି (ରେରା)ର ସଂଶୋଧିତ ଆଇନକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଛି । ହାଇକୋର୍ଟ ଏହି ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି । ତେବେ ଜାନୁଆରୀ ତୃତୀୟ ସପ୍ତାହରେ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ବୋଲି ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଆଗତ ପିଟିସନ୍‌ର ବିଚାର କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।
ମାମଲାରୁ ଜଣାଯାଇଛି ଯେ, ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେ 'ରେରା' ଆଇନରେ ଏକ ସଂଶୋଧନ ଅଣାଯାଇ ଯେଉଁମାନେ ୨୦୧୬ ପୂର୍ବରୁ ଫ୍ଲାଟ୍ କିଣିଛନ୍ତି ସେମାନଙ୍କ ପାଇଁ ଏହାର ପଞ୍ଜୀକରଣର ବ୍ୟବସ୍ଥା କୋହଳ କରାଯାଇଥିଲା ।
ସେମାନଙ୍କ ଫ୍ଲାଟ୍ ପଞ୍ଜୀକରଣ ବେଳେ ଅକୁପାନ୍ସି ସାର୍ଟିଫିକେଟ୍, ରେରା ସାର୍ଟିଫିକେଟ୍ ଏବଂ ଆପାର୍ଟମେଣ୍ଟ ଓନର୍ସ ଆସୋସିଏସନ୍ ସାର୍ଟିଫିକେଟ୍ ଆଦିର କୌଣସି ଆବଶ୍ୟକତା ନାହିଁ ବୋଲି ଏହି ସଂଶୋଧିତ ଆଇନ୍‌ରେ ସ୍ପଷ୍ଟ କରାଯାଇଥିଲା ।
ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଦର୍ଶାଇଛନ୍ତି ଯେ, ପୂର୍ବରୁ ଫ୍ଲାଟ୍ ପଞ୍ଜୀକରଣ ପାଇଁ ଉପରୋକ୍ତ ସମସ୍ତ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଥିଲା । କିନ୍ତୁ ଏବେ ଏସବୁ କୋହଳ କରିଦିଆଯିବା ଦ୍ୱାରା ଫ୍ଲାଟ୍ ପଞ୍ଜୀକରଣରେ ଯାବତୀୟ ବେଆଇନ କାର୍ଯ୍ୟ ଚାଲିବ ବୋଲି ଆବେଦନକାରୀ ଆଶଙ୍କା ବ୍ୟକ୍ତ କରିଛନ୍ତି । ତେଣୁ ଏହି ନୂତନ ସଂଶୋଧିତ ଆଇନକୁ ରଦ୍ଦ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ୍ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି ।

# ସୂର୍ଯ୍ୟମନ୍ଦିର ବୁଲିଲେ ୯ ଦେଶର ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର

**କୋଣାର୍କ, ୧୮।୧୨
ନ୍ୟୁଜ ବ୍ୟୁରୋ**
ସୂର୍ଯ୍ୟମନ୍ଦିର ବୁଲିଲେ ବିଦେଶୀ ସୋସିଆଲ ମିଡିଆ ଇନଫ୍ଲୁଏନସର। ୯ଟି ଦେଶର ୧୮ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନସର ଓ କଣ୍ଟେଣ୍ଟ କ୍ରିଏଟର ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ସହାୟତାରେ ମିଆଁମାର, ଇଣ୍ଡୋନେସିଆ, ଜାପାନ, ମଙ୍ଗୋଲିଆ, ସିଙ୍ଗାପୁର, ମାଲେସିଆ, ସାଉଥ୍ କୋରିଆ, ଶ୍ରୀଲଙ୍କା, ଥାଇଲାଣ୍ଡର ୧୮ଜଣ ଇନଫ୍ଲୁଏନସର କୋଣାର୍କରେ ପହଞ୍ଚିବା ପରେ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ।
ଗାଇଡ୍ ଅନିମେଶ ଏହି ବିଦେଶୀ ଇନଫ୍ଲୁଏନସରମାନଙ୍କୁ ସୂର୍ଯ୍ୟମନ୍ଦିର ସମ୍ପର୍କରେ ବିବିଧ ତଥ୍ୟ ବୁଝାଇଥିଲେ। ଏମାନେ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିବା ସହିତ ଖୁସି ବ୍ୟକ୍ତ କରିଥିଲେ । ଏହି ଗସ୍ତ ସମୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ନୋଡାଲ ଅଫିସର ବିନାୟକ ମିଶ୍ର, ସୂର୍ଯ୍ୟପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।



# ଅଖିଳ ଦିବସ ପାଳିତ : ସ୍ମାରକ ବକ୍ତୃତା, ପୁରସ୍କାର, କବିତା ପାଠ

**ଭୁବନେଶ୍ୱର ୧୮/୧୨ ନ୍ୟୁଜ ବ୍ୟୁରୋ**
ସ୍ୱର୍ଗତ କଥାକାର ଅଖିଳ ମୋହନ ପଟ୍ଟନାୟକ ଓଡ଼ିଆ କଥା ସାହିତ୍ୟରେ ଜଣେ ମାର୍ଗଦର୍ଶକ ଭାବରେ ସ୍ମରଣୀୟ ରହିବେ । ସେ ଉତ୍ତର ପିଢ଼ିଙ୍କୁ ପ୍ରେରଣା ଦେଉଥିବେ ବୋଲି ପ୍ରସିଦ୍ଧ କଥାଶିଳ୍ପୀ ତରୁଣ କାନ୍ତି ମିଶ୍ର ଉଲ୍ଲେଖ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଅଖିଳ ମୋହନ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ 'ଅଖିଳ ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ଅଖିଳ ମୋହନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଛନ୍ତି । ଫାଉଣ୍ଡେସନର ଅଧକ୍ଷ ଡ଼. ଅସିତ ମହାନ୍ତିଙ୍କ ପୌରୋହିତ୍ୟରେ ଓ କବି ତଥା ସ୍ତମ୍ଭକାର କେଦାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳି ନାୟକ, ସରୋଜ ବଳ, ଅଶ୍ୱିନୀ କୁମାର ମିଶ୍ର ଓ ପ୍ରତୀକ୍ଷା ଜେନାଙ୍କୁ ଯଥାକ୍ରମେ ଅଖିଳ କଥା ସମ୍ମାନ, କବିତା ସମ୍ମାନ, ଜ୍ଞାନଦା କବିତା ସମ୍ମାନ ଓ ଜ୍ଞାନଦା ଗଳ୍ପ ସମ୍ମାନ ପ୍ରଦାନ। କରାଯାଇଥିବା ବେଳେ ସମ୍ମାନ ପୂର୍ବାହ୍ନରେ ଓଡ଼ିଆ ଗଳ୍ପ ଜଗତର କିମ୍ବଦନ୍ତୀ ବିଭୁତି ପଟ୍ଟନାୟକଙ୍କୁ ଶିଖର ସମ୍ମାନ ତାଙ୍କ ବାସ ଭବନରେ ପହଞ୍ଚି କର୍ମକର୍ତ୍ତାମାନେ ଦେଇଥିଲେ । ପରେ ଫାଉଣ୍ଡେସନର ପୂର୍ବତନ ସଭାପତି ଓ ଦିବଂଗତ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ବିଶିଷ୍ଟ କବି ଓ ଅନୁବାଦକ ଭାଗିରଥୀ ମିଶ୍ର ରାଜେନ୍ଦ୍ର କିଶୋରଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କବି ସୂର୍ଯ୍ୟ ମିଶ୍ର, ମନୁଆ ଦାଶ, ସୁମନ ଦାସ, ଶୁଭଶ୍ରୀ ଶୁଭଶ୍ମିତା ମିଶ୍ର ଓ ଦେବଦତ୍ତ ପତି କବିତା ଆବୃତ୍ତି କରିଥିଲେ । ନାଟ୍ୟଶିଳ୍ପୀ ଅଧାପକ ରମାକାନ୍ତ ମିଶ୍ର ଅଖିଳ ମୋହନଙ୍କ ଲିଖିତ 'ଅନାହତ ଫାଲଗୁନ'ରୁ ଲେଖା ପାଠ କରିଥିଲେ । ଫାଉଣ୍ଡେସନ ପକ୍ଷରୁ ଅଖିଳ ମୋହନଙ୍କ ସୁପୁତ୍ର ତିମିର ବରଣ ପଟ୍ଟନାୟକ, ମନ୍ମଥ ମହାନ୍ତି ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଏସଏଚଜିଙ୍କୁ ୯୦ କୋଟିରୁ ଊର୍ଦ୍ଧ୍ୱ ସୁଧ ଫେରସ୍ତ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮/୧୨
ନ୍ୟୁଜ ବ୍ୟୁରୋ**
ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟମିତ ସୁଧ ଫେରସ୍ତ ସରକାରଙ୍କ ପ୍ରତିବଦ୍ଧତା ଓ ଏହା ସଦସ୍ୟାମାନଙ୍କ ଅର୍ଥନୈତିକ ଭାଗିଦାରୀକୁ ଆହୁରି ସଶକ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି। ଗୁରୁବାର ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ୧ ଲକ୍ଷ ୫୫ହଜାର ୮୫୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୦କୋଟି ୨୦ଲକ୍ଷ ୫୨ହଜାର ୬୨୧ଟଙ୍କା ବ୍ୟାଙ୍କ ଋଣ ସୁଧ ଫେରସ୍ତ ଆକାରରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ., ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ବୃନ୍ଦ ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିବୃନ୍ଦ ସହିତ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମ୍ପୃକ୍ତ ବ୍ୟାଙ୍କ ପ୍ରତିନିଧିମାନଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଋଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିତ୍ତୀୟ ପରିଚାଳନା ବିଷୟରେ ସଚେତନ କରିବା ପାଇଁ ସେ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ. ନିଜ ସ୍ୱାଗତ ଭାଷଣରେ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୩୧୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି ।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ମତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉମଲବ୍ଧ। ଏହାକୁ ଭଲ ମାଉଥିବା ମାଠକ ମାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପକସ : ମ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋଦ୍ଧସା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଶେରଗଡ଼ର ଜନସାଧାରଣ ଓ ବିଜେଡି କର୍ମୀ

**ଭୁବନେଶ୍ୱର, ୧୮/୧୨
ନ୍ୟୁଜ ବ୍ୟୁରୋ**
ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଶେରଗଡ଼ ବ୍ଲକର ଜନ ସାଧାରଣ ଓ ବିଜୁ ଜନତା ଦଳର ନେତା ଏବଂ କର୍ମୀମାନେ ଗୁରୁବାର ପୂର୍ବାହ୍ନରେ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଶେରଗଡ଼ ବ୍ଲକରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନ ଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀମାନଙ୍କୁ ହଇରାଣ ହରକତ କରୁଥିବା ନେଇ ଅଭିଯୋଗ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ କରିଥିଲେ।
ସରକାରୀ ଉଦାସୀନତା ଯୋଗୁଁ ବିକାଶ କାମ ଅଧାପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉ ନ ଥିବା, କେତେକ ସ୍କୁଲରେ ବିଦ୍ୟୁତ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥଲେ। ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରାଯାଉନଥିବାରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଅନ୍ୟାନ୍ୟ ବିଷୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ହିତାଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ସହଜ ହେଲା ଆପାର୍ଟମେଣ୍ଟ କମନ ଏରିଆ ପଞ୍ଜୀକରଣ : ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

**ଭୁବନେଶ୍ୱର,୧୮/୧୨ ନ୍ୟୁଜ ବ୍ୟୁରୋ**
ସହଜ ହେଲା ଆପାର୍ଟମେଣ୍ଟ କମନ ଏରିଆ ପଞ୍ଜୀକରଣ। ଆପାର୍ଟମେଣ୍ଟର କମନ ଏରିଆ ବା ସର୍ବସାଧାରଣ ଅଞ୍ଚଳ ପଞ୍ଜୀକରଣକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ରାଜ୍ୟ ସରକାର ଏହି ପଞ୍ଜୀକରଣକୁ ସହଜ କରିଛନ୍ତି। ଏଣିକି ୨୦ ହଜାର ଟଙ୍କାରେ ରିଅଲ ଇଷ୍ଟେଟ ପ୍ରକଳ୍ପର ସମ୍ପୂର୍ଣ୍ଣ କମନ ଏରିଆ ପଞ୍ଜୀକରଣ କରାଯିବ। ରାଜସ୍ୱ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।
ସୂଚନାନୁଯାୟୀ, ୨୦୨୩ ମସିହାରୁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଆଇନ ଆସିବା ସତ୍ତ୍ୱେ କମନ ଏରିଆ ପଞ୍ଜୀକରଣକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଫଳରେ ଆପାର୍ଟମେଣ୍ଟ ପଞ୍ଜୀକରଣରେ ଏହା ବାଧକ ସୃଷ୍ଟି ହୋଇଥିଲା। ଏଣିକି ୨୦ ହଜାର ଟଙ୍କାରେ ଆସୋସିଏନସ ଅଫ ଆଲଟି ବା ବାସଗୃହ କ୍ରେତା ସଂଘ ନାଁରେ କମନ ଏରିଆ ପଞ୍ଜୀକରଣ ହୋଇପାରିବ। ଗତବର୍ଷ ନଭେମ୍ବରରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ଅଂଶୀଦାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଆପାର୍ଟମେଣ୍ଟର କମନ ଏରିଆ ପଞ୍ଜୀକରଣକୁ ବ୍ୟବସ୍ଥିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ବିଦ୍ୟାଳୟରେ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ

**ସୁବର୍ଣ୍ଣପୁର, ୧୮/୧୨
ନ୍ୟୁଜ ବ୍ୟୁରୋ**
ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଟ୍ଟା ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ ହୋଇଛନ୍ତି ଚାରଭଟ୍ଟା ଆଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଅଧିକ୍ଷକ ଅରବିନ୍ଦ ମହାକୁର । ମୃତ ଛାତ୍ର ଜଣକ ହେଲେ ଡୁଙ୍ଗୁରିପାଲି ଥାନା ଚେରୁପାଲି ନିକଟସ୍ଥ ବଡ଼ନୂଆପାଲି ଗାଁର ବିଷ୍ଣୁ ସୁନାଙ୍କ ପୁଅ ଆର୍ଯ୍ୟନ ସୁନା (୧୭) ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ପ୍ରାୟ ୧୧ଟା ବେଳେ ଆର୍ଯ୍ୟନ ବିଛଣାରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସହପାଠୀମାନେ ଅଧକ୍ଷା ନିବେଦିତା ହୋତାଙ୍କୁ ଜଣାଇଥିଲେ । ଅଧକ୍ଷା ତୁରନ୍ତ ତାଙ୍କ ଘର ଲୋକଙ୍କୁ ଖବର ଦେଇ ସଙ୍ଗେ ସଙ୍ଗେ ଆର୍ଯ୍ୟନଙ୍କୁ ଚାରଭଟ୍ଟା ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**
ସାପ୍ତାହିକ ସମ୍ବାଦ ମତ୍ରିକା 'ଉତ୍କଳ ଦୀମିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉମଲବ୍ଧ। ଏହାକୁ ଭଲ ମାଉଥିବା ମାଠକ ମାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

# ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକ ସମ୍ବର୍ଦ୍ଧିତ : ସାଢ଼େ ୬ କୋଟିର ବେପାର

**ଭୁବନେଶ୍ୱର,୧୮/୧୨
ନ୍ୟୁଜ ବ୍ୟୁରୋ**
ପୁସ୍ତକ ମହୋତ୍ସବ କେବଳ ଏକ ମହୋତ୍ସବ ନୁହେଁ, ଏହା ଲେଖକ, ପାଠକ ଓ ପ୍ରକାଶକଙ୍କର ତ୍ରିବେଣୀ ସଙ୍ଗମ । ପୁସ୍ତକର ମୃତ୍ୟୁ ନାହିଁ, ସେ ସବୁବେଳେ ଅମର ଓ ଅଜୟ । ଏଭଳି କହିଛନ୍ତି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ । ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ସପ୍ତମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢୀ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାର ଏହି ଅଭିନବ ପ୍ରୟାସ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ସାଧୁବାଦ ଜଣାଇଥିଲେ ।
ଦୀର୍ଘ ୧୨ଦିନ ଧରି ଚାଲିଆସୁଥିବା ଏହି ପୁସ୍ତକ ମହାକୁମ୍ଭ ଶେଷ ହୋଇଛି। ଚଳିତ ପୁସ୍ତକ ମହୋତ୍ସବ ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚନ ହୋଇଥିବା ବେଳେ ସାଢେ ୬କୋଟି ଟଙ୍କାର ବେପାର ହୋଇପାରିଛି । ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଯଶୋଧରା ମିଶ୍ର କହିଥିଲେ, ପୁସ୍ତକ ହେଉଛି ମାନବ ସଭ୍ୟତାର ଅମୂଲ୍ୟ ସମ୍ପଦ । ପୁସ୍ତକ ସମାଜର ଦର୍ପଣ । ପୁସ୍ତକ ବିନା ବିକଶିତ ସମାଜର କଳ୍ପନା ମଧ୍ୟ କରିହେବ ନାହିଁ । ଆଜିର ଜଗତୀକରଣ ଓ ଇଣ୍ଟରନେଟ୍ ଯୁଗରେ ପୁସ୍ତକ ନିଜ ପାଇଁ ଏକ ଅନନ୍ୟ ସ୍ଥାନ ସୃଷ୍ଟି କରିପାରିଛି ଏବଂ ଯୁବପିଢ଼ି ମଧ୍ୟ ପୁସ୍ତକ କିଣିବା ଓ ପଢ଼ିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ଏ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ସାମନ୍ତ ଚନ୍ଦ୍ର ଶେଖର ପତ୍ରାବଳୀ', 'ବଳରାମ ଦାସ' 'ଶିଶୁ ଅନନ୍ତ ଦାସ', 'ଯଶୋବନ୍ତ ଦାସ', ଅନୁବାଦ ସାହିତ୍ୟ ପରିଷଦ ତରଫରୁ ସାନ୍ତାଳୀ ଭାଷାରେ ଅନୁଦିତ ପୁସ୍ତକ 'ପିଲାଙ୍କ ଚିଠି ଓ ଆଇନ ଷ୍ଟାଇନଙ୍କ ଉତ୍ତର', 'ଲେଡ଼ି ଡ୍ରାଇଭର', ଶ୍ରୀ ଗୋବିନ୍ଦଙ୍କ ଲିଖିତ ପୁସ୍ତକ 'ସ୍ୱାସ୍ଥ୍ୟ ମନ୍ତ୍ର', ବିଜୟ କୁମାର ଛାଟୋଇଙ୍କ ଲିଖିତ 'କବିତାମାଳା', ପ୍ରଭାତୀ ମିଶ୍ରଙ୍କ ରଚିତ 'ଦ ଡ଼ାଇମଣ୍ଡ ଟ୍ରାଇଆଙ୍ଗେଲ', କନକବାଳା ଦାସଙ୍କ ଲିଖିତ 'ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ନାରୀ ଚରିତ୍ର' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏଥିସହ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ । ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ଥର ପୁସ୍ତକ ମହୋତ୍ସବର ଶୀର୍ଷକ ରହିଥିଲା 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' । ପୁସ୍ତକ ମହୋତ୍ସବରେ ୫୫୦ଟି ଷ୍ଟଲ ନିର୍ମାଣ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଅଂଶଗ୍ରହଣ କରିଥିଲେ । ୬ଟି ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ମଧ୍ୟ ଅଂଶଗ୍ରହଣ କରିଥିଲେ । ବରପୁତ୍ର ଓ ସାରସ୍ୱତ ସାଧକଙ୍କୁ ସମ୍ମାନ, ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ସମ୍ବନ୍ଧୀୟ ପାଭିଲିୟନ, ସାହିତ୍ୟଧର୍ମୀ ଆଲୋଚନା ଚକ୍ର, କୋରାପୁଟ କଫି ଓ ସେଲ୍ଫି ପଏଣ୍ଟ,ଏଆଇ ଯୁଗରେ ପେନସିଲ ଚିତ୍ର, ସଚେତନତା ଷ୍ଟଲ, ରୋବୋଟିକ୍ ଡଗ୍ ଓ କ୍ରିକେଟ କ୍ରେଜ ଆଦି ଆକର୍ଷଣ ପାଲଟିଥିଲା।



# ଜଟିଳ ହେଉଛି ଜନ୍ମ-ମୃତ୍ୟୁ ପଞ୍ଜୀକରଣ : ସାର୍ଟିଫିକେଟ୍ ପାଇବାକୁ ହଟହଟା

**କଟକ,୧୮/୧୨ ନ୍ୟୁଜ ବ୍ୟୁରୋ**
୨୦୧୧ରୁ ଅନ୍‌ଲାଇନ୍‌ରେ ଚାଲି ଆସୁଥିବା ଜନ୍ମ ମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା ତଥା ଓଡ଼ିଶା ବାର୍ଥ ଡେଥ୍ ରେଜିଷ୍ଟ୍ରେସନ ସିଷ୍ଟମରେ ଗତମାସରୁ ପରିବର୍ତ୍ତନ ହୋଇଛି । ଓଡ଼ିଶା ବାର୍ଥ ଡେଥ୍ ରେଜିଷ୍ଟ୍ରେସନ ସିଷ୍ଟମ-୨ କାର୍ଯ୍ୟକାରୀ ହେଲା ଦିନଠାରୁ ବିଭ୍ରାଟ ଲାଗି ରହିଛି। ଏହି ନୂତନ ବ୍ୟବସ୍ଥା ବ୍ୟବହାରରେ ସରଳୀକରଣ ହେବା ବଦଳରେ ଅଧିକ ଜଟିଳ ହୋଇଛି । ଫଳରେ ନୂଆ ବ୍ୟବସ୍ଥାରେ ଆବେଦନକାରୀମାନେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଅନଲାଇନ୍‌ରେ ଆବେଦନ କରୁଥିଲେ ହେଁ ତାହା ଅଡୁଆ ସୃଷ୍ଟି କରୁଛି । ବ୍ୟବହାର ସରଳୀକରଣ ଥିବାରୁ ପୂର୍ବରୁ ଲୋକେ ଘରେ ବସି ନିଜ ମୋବାଇଲରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ପାଇଁ ସହଜରେ ଆବେଦନ କରିପାରୁଥିଲେ । ମାତ୍ର ଏବେ ଆଉ ତାହା ହେଉନାହିଁ । କଟକ ମହାନଗର ନିଗମ ଓ କଟକ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ରାଜ୍ୟବ୍ୟାପୀ ଗାଁଠୁ ସହରାଞ୍ଚଳ ଲୋକଙ୍କ ପାଇଁ ଏହି ସମସ୍ୟା ଲାଗି ରହିଛି । ବିଡ଼ମ୍ବନା ହେଉଛି, ଏହି ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଆଗରୁ ଜନ୍ମ ମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ୍ ପ୍ରଦାନ ଦାୟିତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପୌରାଞ୍ଚଳରେ ନିୟୋଜିତ ପଞ୍ଜୀକରଣ ଅଧିକାରୀ ଓ ଜନ୍ମ ମୃତ୍ୟୁ ସହାୟକମାନଙ୍କୁ ଆବଶ୍ୟକ ତାଲିମ୍ ପ୍ରଦାନ କରାଯାଇନଥିବା ସୂଚନା ମିଳିଛି । ଫଳରେ ଏହି ନୂତନ ବ୍ୟବସ୍ଥାରେ ପଞ୍ଜୀକରଣ କରିବାରେ କର୍ମଚାରୀଙ୍କର ମଧ୍ୟ ବହୁ ସମୟ ଅପଚୟ ହେଉଛି । ପୂର୍ବରୁ ଏହି ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା ଗୋଟିଏ ପୃଷ୍ଠା (ପେଜ୍)ରେ ସୀମିତ ଥିଲା । ଜନ୍ମ ହେଉ କିମ୍ବା ମୃତ୍ୟୁ ପଞ୍ଜୀକରଣ ପାଇଁ ତଥ୍ୟ ପ୍ରଦାନ ଲାଗି ଗୋଟିଏ ପୃଷ୍ଠାରେ ୨୧ଟି ସାରଣୀ (କଲମ) ଥିଲା। ଏବେ ତଥ୍ୟ ପ୍ରଦାନ ଲାଗି କଲମ ସଂଖ୍ୟା ୫ ଗୁଣା ବଢ଼ିଯାଇଛି। ଗୋଟିଏ ପେଜ୍ ପରିବର୍ତ୍ତେ ୪ ପେଜ୍ ରହିଛି। ପ୍ରଥମ ପେଜ୍‌ରେ ୩୪ଟି କଲମ୍ ରହିଥିବା ବେଳେ ଦ୍ୱିତୀୟ ପେଜରେ ୩୯ ଟି କଲମ୍, ତୃତୀୟ ପେଜରେ ୩୩ଟି କଲମ୍ ଏବଂ ୪ର୍ଥ ପେଜରେ ସେଭ୍ ମାରି ସବମିଟ୍ କରିବାକୁ ପଡୁଛି । କେତେକ କଲମରେ ରିପିଟ୍ ତଥ୍ୟ ମଗାଯାଇଛି । ଏସବୁ ବାଦ୍ ପୂର୍ବ ଅପେକ୍ଷା ଏବେ ସାର୍ଟିଫିକେଟ୍ ଆକାର ମଧ୍ୟ ଛୋଟ କରାଯାଇଛି । ପୂର୍ବରୁ ଏ-୪ ସାଇଜ୍ ସାର୍ଟିଫିକେଟ୍ ମିଳୁଥିବା ବେଳେ ଏବେ ଉକ୍ତ ଆକାର ଛୋଟ ହୋଇଛି । ସେହିପରି ଅକ୍ଷର ଆକାର (ଲେଟର ସାଇଜ୍) ୧୨ ମିଲିମିଟର (ଏମ୍‌ଏମ୍) ଥିବା ବେଳେ ଏବେ ତାହା ୧୦ ଏମ୍‌ଏମ୍ ରହିଛି । ସୂଚନାଯୋଗ୍ୟ, ୨୦୧୧ରୁ କାର୍ଯ୍ୟକାରୀ ହୋଇଆସୁଥିବା ଅନଲାଇନ୍ ଜନ୍ମମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା-୧ ଗତ ମାସ ୧୦ ତାରିଖରେ ଜନ୍ମମୃତ୍ୟୁ ପରିସଂଖ୍ୟାନ ବିଭାଗ ବନ୍ଦ କରିଦେଇଥିଲା । ନୂଆ ପଞ୍ଜୀକରଣ ବ୍ୟବସ୍ଥା-୨ ସେହିଦିନଠାରୁ ରାଜ୍ୟରେ ଏକ ସମୟରେ ୨୯ଟି ଜିଲ୍ଲାରେ ଆରମ୍ଭ ହୋଇଥିଲା। ଏହି ନୂତନ ପଞ୍ଜୀକରଣ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କେବଳ ପୁରୀ ଜିଲ୍ଲାରୁ ୮ ମାସ ତଳେ ଆରମ୍ଭ ହୋଇଥିଲା। ପୁରୀ ଜିଲ୍ଲାରେ ଏହି ବ୍ୟବସ୍ଥା ଆରମ୍ଭରୁ ବାଟବଣା ହୋଇଥିଲେ ମଧ୍ୟ ଏଥିରେ ଜନ୍ମମୃତ୍ୟୁ ପରିସଂଖ୍ୟାନ ବିଭାଗ ଚେତି ନଥିଲା।